


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୨୧ ଭୁବନେଶ୍ୱର ସୋମବାର, ଜାନୁୟାରୀ ୧୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.121 Bhubaneswar, Sunday, January 13, 2025


## ରାଜ୍ୟରେ ହେବ ଟ୍ରାଇ ସିଟି



ଭୁବନେଶ୍ୱର ,୧୨/୧: ରାଜ୍ୟରେ ଗଠନ ହେବ ଟ୍ରାଇ ସିଟି । ଏବେ ଟୁଇନ୍ ସିଟି ନୁହେଁ ଟ୍ରାଇ ସିଟିର ବିକାଶ କରିବେ ସରକାର । ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ଗଠନ କରାଯିବ । ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ମନ୍ତ୍ରୀ କହିଛନ୍ତି, ଖୁବଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ପ୍ରଦାନ କରାଯିବ । ଅନ୍ୟପଟେ ସହର ବଢେଇବେ ସରକାର। ଟାଉନ ପ୍ଲାନିଂ ସ୍କିମ ଜରିଆରେ ସହରକୁ ବଢାଇବା ପାଇଁ ନିଷ୍ପତ୍ତି ହୋଇଛି। ଟିପି ସ୍କିମ ପାଇଁ ସ୍ୱତନ୍ତ୍ର ବିଭାଗ କରି ଦାୟିତ୍ୱ ଦିଆଯିବ। ଟାଇମ ପିରିୟଡ୍ ବି ଫିକ୍ସ ହେବ। ସେହିପରି ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ। ସହରାଞ୍ଚଳରେ କୌଣସି ଅନପ୍ଲାନଡ୍ କାମ ହେବନି। କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ କରିବାକୁ ଯାଉଛନ୍ତି ସରକାର। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି, ଭୁବନେଶ୍ୱର ହେଉଛି ଏକ ପ୍ଲାନଡ଼ ସିଟି। ତେଣୁ କୌଣସି ଅନପ୍ଲାନଡ୍ କାର୍ଯ୍ୟ କରାଯିବ ନାହିଁ। ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି। କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କରାଯିବ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ। ସେହିପରି ଭୁବନେଶ୍ୱର ଟ୍ରାଫିକ ସମସ୍ୟାକୁ ଗୁରୁତର ସହ ନେଇଛନ୍ତି ସରକାର । ସହରାଞ୍ଚଳ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ ଓଭରବ୍ରିଜ । ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ବିଭିନ୍ନ ସ୍ଥାନରେ ରିଂ ରୋଡ୍ ଏବଂ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ଆଲୋଚନା କରିଛନ୍ତି। ତୁରନ୍ତ ପ୍ଲାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଦେଖାଯାଉଥିବା ଟ୍ରାଫିକ ଜାମକୁ ଦୂର ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବଢ଼ାଯାଉଛି। ଏଥିପାଇଁ ଡବଲ ଡେକର ବସ ସେବା ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# କୁମ୍ଭମେଳା ପାଇଁ ଆରମ୍ଭ ହେଲା ସ୍ୱତନ୍ତ୍ର ବସ୍ ଓ ଟ୍ରେନ ସେବା

### କୁମ୍ଭମେଳା ପାଇଁ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ପ୍ରୟାଗରାଜ ଅଭିମୁଖେ ବସ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ। ପୂର୍ବତଟ ରେଲୱେ ଘୋଷଣା କଲା ୭ଟି ସ୍ୱତନ୍ତ୍ର ଟ୍ରେନ୍



ଭୁବନେଶ୍ୱର ,୧୨/୧: ଓଡ଼ିଶାରୁ ସିଧା କୁମ୍ଭମେଳା। ରାଜ୍ୟର ୪ ସହରରୁ ଅଯୋଧ୍ୟାକୁ ଗଡ଼ିଲା ସ୍ପେଶାଲ୍ ବସ୍। କୁମ୍ଭମେଳା ଦେଖିଯିବାକୁ ଓଡ଼ିଶାରୁ ଅଯୋଧ୍ୟା ଆରମ୍ଭ ହୋଇଛି ସ୍ୱତନ୍ତ୍ର ବସ୍ ସେବା। ଆଜି ଏହାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେହିଭଳି ମହାକୁମ୍ଭ ମେଳା ପାଇଁ ଓଡ଼ିଶା ଦେଇ ପ୍ରୟାଗରାଜ ଗଡିବ ସ୍ୱତନ୍ତ୍ର ଟ୍ରେନ୍। ପୂର୍ବତଟ ରେଲୱେ ପକ୍ଷରୁ ୭ଟି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା ହୋଇଛି। ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆରମ୍ଭ କରିଥିବା ଏହି ସ୍ୱତନ୍ତ୍ର ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ବସରେ ଓଡ଼ିଶାରୁ ସିଧା ପ୍ରୟାଗରାଜ ଯିବାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ମାର୍ଗ ପାଇଁ ୨ଟି ଲେଖାଏଁ ବସ୍ ରହିଛି। ଟିକେଟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିଛି। ଆସନ୍ତାକାଲିଠୁ ପ୍ରୟାଗରାଜରେ ମହାକୁମ୍ଭ ମେଳା ଆରମ୍ଭ ହେଉଥିବାବେଳେ ଓଡ଼ିଶାରୁ ମଧ୍ୟ ଶ୍ରଦ୍ଧାଳୁ କିପରି ମହାକୁମ୍ଭରେ ସାମିଲ ହୋଇପାରିବେ, ସେମାନଙ୍କ ସୁବିଧା ପାଇଁ ଏହି ବସ୍ ସେବା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଅନ୍ୟପଟେ ମହାକୁମ୍ଭ ମେଳା ପାଇଁ ଓଡ଼ିଶା ଦେଇ ପ୍ରୟାଗରାଜ ଗଡିବ ସ୍ୱତନ୍ତ୍ର ଟ୍ରେନ୍। ପୂର୍ବତଟ ରେଲୱେ ଏହି ୭ଟି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛି। ଏହି ଟ୍ରେନ୍ ଗୁଡିକ ହେଲା, ଭୁବନେଶ୍ୱର-ଟୁଣ୍ଡଲା-ଭୁବନେଶ୍ୱର କୁମ୍ଭ ମେଳା ସ୍ପେଶାଲ। ଏହି ଟ୍ରେନ୍ ଖୋର୍ଦ୍ଧା, କଟକ, ଯାଜପୁର ଏବଂ କେନ୍ଦୁଝର ଦେଇ ଯିବ। ସେହିପରି ପୁରୀ-ଟୁଣ୍ଡଲା-ପୁରୀ କୁମ୍ଭ ସ୍ପେଶାଲ ଟ୍ରେନ୍ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର ଏବଂ ବାଲେଶ୍ୱର ଦେଇ ଯିବ। ଟିଟିଲାଗଡ-ଟୁଣ୍ଡଲା-ଟିଟିଲାଗଡ କୁମ୍ଭ ସ୍ପେଶାଲ ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଦେଇ ଯିବ। ସେହିଭଳି ବିଶାଖାପାଟଣା-ଦିନଦୟାଲ ଉପାଧ୍ୟାୟ ଜଙ୍କସନ୍- ବିଶାଖାପାଟଣା କୁମ୍ଭ ସ୍ପେଶାଲ ଟ୍ରେନ୍ ରାୟଗଡା, ବଲାଙ୍ଗୀର ଓ ନୂଆପଡା ଦେଇ ଯାତ୍ରା କରିବ। ବିଶାଖାପାଟଣା-ଗୋରଖପୁର-ବିଶାଖାପାଟଣା କୁମ୍ଭ ସ୍ପେଶାଲ ଗଞ୍ଜାମ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଏବଂ ଝାରସୁଗୁଡା ଦେଇ ଯିବ। ତିରୁପତି-ବନାରସ-ତିରୁପତି କୁମ୍ଭ ସ୍ପେଶାଲ ଓଡ଼ିଶାର ରାୟଗଡା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ରାଉରକେଲା ଦେଇ ଯାତ୍ରା କରିବ। ସେହିପରି ନରାସପୁର-ବନାରସ-ନରାସପୁର କୁମ୍ଭ ସ୍ପେଶାଲ ରାୟଗଡା, ବଲାଙ୍ଗୀର, ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ଦେଇ ଯାତ୍ରା କରିବ।

## ୨୨ ବର୍ଷର ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀ ଦେଖିଲେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା

ବରଗଡ଼,୧୨/୧: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା-୨୦୨୫ ଦେଖିଛନ୍ତି। ଏଥି ସହିତ ସେ ଗତବର୍ଷ ଡିସେମ୍ବର ୮ ତାରିଖରେ ବରଗଡ଼ ଜିଲ୍ଲା ସୋହେଲା ଠାରେ ଇନ୍‌ପୁଟ ସହାୟତା ରାଶି ବଣ୍ଟନର ଶୁଭାରମ୍ଭ ଅବସରରେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନୁଯାତ୍ରା ପାଇଁ ମଥୁରାନଗରୀ (ବରଗଡ଼)ର ମୁଖ୍ୟ ରାସ୍ତାରେ ହାତୀ ଉପରେ ବସି ମୁଖ୍ୟ ମଞ୍ଚକୁ ଯିବା ସମୟରେ ଜନସାଧାରଣଙ୍କୁ ଅଭିବାଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ହାତୀ ଉପରେ ବସିଥିବାର ବିରଳ ଦୃଶ୍ୟ ଜନସାଧାରଣଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି। ମୁଖ୍ୟମନ୍ତ୍ରୀ ମଧ୍ୟ ଏଠାରେ ଦର୍ଶକଙ୍କୁ ନିରାଶ କରି ନାହାନ୍ତି। ସେ ହାତ ହଲାଇ, ନମସ୍କାର କରିବା ସହି ଦର୍ଶକଙ୍କୁ ଅଭିବାଦନ ଜଣାଇଛନ୍ତି। ବରଗଡ଼ ଧନୁଯାତ୍ରା ହେଉଛି ଏକ ସାର୍ଥକ ରୂପାୟନ। ଏହା ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ। ବରଗଡ଼ ଧନୁଯାତ୍ରା ସମଗ୍ର ଓଡ଼ିଶାର ସ୍ୱାଭିମାନ ଓ ନିଆରା ପରିଚୟ। ଦୀର୍ଘ ବର୍ଷର ବ୍ୟବଧାନ ପରେ ବରଗଡ଼ର ଧନୁଯାତ୍ରାରେ ଦର୍ଶକମାନେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ପାଇଛନ୍ତି। ?ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ପ୍ରସିଦ୍ଧ ଯାତ୍ରାରେ ସାମିଲ ହେବା ପାଇଁ ନିଜେ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ବରଗଡ଼ ଧନୁଯାତ୍ରା କମିଟି ମହଲରେ ଖୁସିର ଲହରି ଦେଖାଯାଇଥିଲା। ଏହାର କାରଣ ହେଲା ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀ ଧନୁଯାତ୍ରାରେ ଯୋଗଦେଇଛନ୍ତି। ବରଗଡ଼ ଧନୁଯାତ୍ରାରେ ଏହା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୨ରେ ଯୋଗ ଦେଇଥିଲେ। ସେହିପରି ୧୯୯୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ୧୯୭୦ରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ବରଗଡ଼ ଧନୁଯାତ୍ରାରେ ଯୋଗ ଦେଇଥିଲେ। ୭୭ତମ ଧନୁଯାତ୍ରରେ ଯୋଗଦେବା ପାଇଁ ବରଗଡ଼ ଜିଲ୍ଲାର ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହା ପରେ ବିଧାୟକଙ୍କର ଅନୁରୋଧକୁ ରକ୍ଷା କରି ସୋହେଲା ଠାରେ ଇନ୍‌ପୁଟ୍ ସହାୟତା ରାଶି ବଣ୍ଟନ ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବରଗଡ଼ ଧନୁଯାତ୍ରାରେ ଯୋଗ ଦେବା ପାଇଁ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୩ ତାରିଖ ଠାରୁ ଧନୁଯାତ୍ରା ଆରମ୍ଭ ହୋଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

# ବିଶ୍ୱ ଦରବାରରେ ଓଡ଼ିଶାକୁ ମିଳିଲା ପରିଚିତି

## ଆଗକୁ ହେବ ପ୍ରବାସୀ ଓଡ଼ିଆ ସମ୍ମିଳନୀ

**ଭୁବନେଶ୍ୱର, ୧୨/୧:** ପ୍ରବାସୀ ଭାରତୀୟ ସମ୍ମିଳନୀର ମହାସମାପନ ପରେ ପ୍ରଶ୍ନ, ଓଡ଼ିଶାକୁ ମିଳିଲା କଣ ? ତାକୁ ନେଇ ଚାଲିଛି ଚର୍ଚ୍ଚା। ୮ରୁ ୧୦, ତିନି ଦିନ ଧରି ସମ୍ମିଳନୀ ଅବସରରେ ପ୍ରବାସୀମାନେ ଓଡ଼ିଶାର ଉତ୍କର୍ଷ କଳା ଓ ସଂସ୍କୃତିର ଝଲକ ଦେଖିବା ସହ ପୁରୀ-କୋଣାର୍କ ଭଳି ପର୍ଯ୍ୟଟନସ୍ଥଳୀରୁ ଯେଉଁ ଅଭୁଲା ଛାପ ସାଙ୍ଗରେ ଧରି ଫେରିଛନ୍ତି ସେଥିରୁ ରାଜ୍ୟରେ ଟୁରିଜିମ୍ ଓ ଶିଳ୍ପ କ୍ଷେତ୍ରରେ ନିବେଶର ବିରାଟ ଆଶା ସଂଚାର ହୋଇଛି। ଏମିତିକି କେହି ଏଠି ଆଇଟି କଂପାନୀ ଖୋଲିବାକୁ ତ ଅନ୍ୟ କିଏ ମ୍ୟାନୁଫାକଚର ୟୁନିଟ୍ ବସାଇବାକୁ ବି ସହାୟତା ମାଗି ସାରିଲେଣି। ବିଶ୍ୱ ଦରବାରରେ ପହଞ୍ଚିଲା ଓଡ଼ିଶା। ହିଡେନ ଓଡ଼ିଶାକୁ ଦେଖିଲେ ପ୍ରବାସୀ। ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ସୃଷ୍ଟି ହେଲା ବଡ଼ ସମ୍ଭବନା। ପର୍ଯ୍ୟଟନ କ୍ଷେତ୍ରରେ ଆସିପାରେ ଆଖିଦୃଶିଆ ପରିବର୍ତ୍ତନ। ଓଡିଶାକୁ ଛୁଟିପାରେ ବିଦେଶୀ ପର୍ଯ୍ୟଟକଙ୍କ ସୁଅ। ଭୁବନେଶ୍ୱରରେ ତିନି ଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ପରେ ଓଡିଶାରେ ଦେଖିବାକୁ ମିଳିଛି ଏମିତି ସମ୍ଭାବନା। ଯେମିତି ଜନ୍ମମାଟିରେ ସମ୍ମାନିତ ହୋଇଥିବା ରବି କୁମାର। କଗ୍ନିଜାଣ୍ଟର ସିଇଓ। ୧ ହଜାର ନିଯୁକ୍ତି ସହ ଓଡିଶାରେ ଏକ ଆଇଟି କମ୍ପାନୀ କରିବାକୁ ରାଜ୍ୟ ସରକାରଙ୍କୁ ଜମି ମାଗିଛନ୍ତି। ଖୁବଶୀଘ୍ର ତାଙ୍କୁ ଜମି ଦେବାକୁ ବି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରବି କୁମାରଙ୍କ ପରି ଦେଶ ବିଦେଶରେ ଥିବା ଅନେକ ପ୍ରବାସୀ ମଧ୍ୟ ଓଡ଼ିଶାରେ ଆଇଟି ସେକ୍ଟରରେ ନିବେଶ ପାଇଁ ଇଚ୍ଛା ପ୍ରକଟ କରିଛନ୍ତି। ଅନେକ ପ୍ରବାସୀଙ୍କୁ ଉତ୍କର୍ଷ ଓଡ଼ିଶା ମେକ୍ ଇନ ଓଡିଶାରେ ବି ଯୋଗ ଦେବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ। ବଡ କଥା ହେଲା ସମ୍ମିଳନୀ ସରିବା ପରେ ଆଜି ବି ନିବେଶ ପାଇଁ ଇଚ୍ଛୁକ ପ୍ରବାସୀ ମାନେ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଆଲୋଚନା କରୁଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ପ୍ରବାସୀ ଭାରତୀୟ ସମ୍ମିଳନୀରେ ଓଡ଼ିଶାର ପର୍ଯ୍ୟଟନକୁ ମିଳିଛି ସବୁଠୁ ବଡ଼ ଏକ୍ସପୋଜର। ଗତ ୩ ଦିନରେ ରାଜ୍ୟର ଅନେକ ପର୍ଯ୍ୟଟନ ସ୍ଥଳୀ ବୁଲିଛନ୍ତି ପ୍ରବାସୀ। ନିଜ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର ବି କରିଛନ୍ତି। ଏମିତି କି ଆଗକୁ ପୁଣି ଥରେ ଓଡ଼ିଶା ଆସିବାକୁ ଆଶା ରଖିଛନ୍ତି। ତେଣୁ ଏହା ସ୍ପଷ୍ଟ, ଆଗାମୀ ଦିନରେ ବିଦେଶୀ ପର୍ଯ୍ୟଟଙ୍କ ଭିଡ଼ ଓଡ଼ିଶାରେ ବଢିବ। ତେଣୁ ପ୍ରବାସୀ ଭାରତୀୟ ସମ୍ମିଳନୀର ସଫଳ ଆୟୋଜନ ପରେ ଆଗକୁ ପ୍ରବାସୀ ଓଡ଼ିଆ ଦିବସ ବି ପାଳିବାକୁ ସରକାର ଯୋଜନା କରୁଥିବା କହିଛନ୍ତି ଆଇନମନ୍ତ୍ରୀ । ଓଡ଼ିଶା ପ୍ରତି ପ୍ରବାସୀଙ୍କ ଭଲ ପାଇବା ଏବଂ ନିବେଶ ଇଚ୍ଛା ଦେଖି ସମାନଙ୍କ ସହ ନିରନ୍ତର ସଂପର୍କ ରଖିବାକୁ ଓଡ଼ିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଯେଉଁ ପ୍ରବାସୀ ଓଡିଶାରେ ନିବେଶ କରିବାକୁ ଚାହୁଁଛନ୍ତି ତାଙ୍କୁ ପ୍ରତ୍ୟକ୍ଷ ଭାବେ ସହାୟତା କରିବାକୁ ବି ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




## ପ୍ରବଳ ଜାଡ଼ରେ ଥରୁଛି ଓଡ଼ିଶାର ଦାର୍ଜିଲିଂ

**ଘୁ.ଉଦୟଗିରି, ୧୨/୧:** ଓଡ଼ିଶାରେ ଶୀତର ସହର ଭାବେ ପରିଚିତ କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରିରେ ଦୀର୍ଘ ଦିନ ହେଲା ଶୀତର ପ୍ରକୋପ ଜାରି ରହିଥିବା ବେଳେ ଜାଡ଼ରେ ଥରୁଛି ସାରା ଅଞ୍ଚଳ। ଗୁରୁବାର ୫.୨ ଏବଂ ଶୁକ୍ରବାର ୫.୪ଡିଗ୍ରୀ ରହିଥିବା ବେଳେ ଆଜି ୪.୮ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଦିନକୁ ଦିନ ତାପମାତ୍ରା କମିବା ସହ ଜାଡ଼ ବଢ଼ିବାରେ ଲାଗିଛି। ପ୍ରବଳ ଜାଡ଼ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ବିଶେଷ କରି ଗରିବ, ଅସହାୟ ଓ ବୟସ୍କ ଲୋକଙ୍କର ଅବସ୍ଥା ଅଧିକ ଖରାପ ହୋଇଯାଇଛି। ସେହିପରି ପଶୁପକ୍ଷୀମାନେ ମଧ୍ୟ ଶୀତ ଯୋଗୁଁ କଷ୍ଟ ଅନୁଭବ କରୁଛନ୍ତି। ଏଭଳି ଅବସ୍ଥାରେ ଲୋକେ ସୂର୍ଯ୍ୟକିରଣ ଓ ନିଆଁ ପାଖରେ ବସିବାକୁ ଭଲ ପାଉଛନ୍ତି। ସାରା ଓଡ଼ିଶାରେ ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଘୁ.ଉଦୟଗିରି ଚିହ୍ନଟ ହେଉଥିବା ବେଳେ ଏହାର ଆଖପାଖ ଦୁର୍ଗମ ପାହାଡିଆ ଅଞ୍ଚଳରେ ତାପମାତ୍ରା ଆହୁରି କମ ରହୁଥିବା ଏବଂ ପ୍ରବଳ ଥଣ୍ଡା ଅନୁଭବ ହେଉଛି। ବିଶେଷ କରି ଗୁନ୍ଦାବାଜୁ, ସିର୍କି, ମୁକୁଲିଙ୍ଗିଆ, ଡାକପାଲା, ସିପାଏଜୁ, ଲାବୁରୀ, ଡ଼ଡ଼ାପଡା, ଭଳି ଗ୍ରାମରେ ଅସହ୍ୟ ଥଣ୍ଡା ଅନୁଭବ ହେଉଥିବା ଗ୍ରାମବାସୀ ମାନେ କହିଛନ୍ତି।

### ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲା ବିଭାଗ

## ଆଉ ଅଣରାଜସ୍ୱ କାମ କରି ପାରିବେନି ରାଜସ୍ୱ ଅଧିକାରୀ



**ଭୁବନେଶ୍ୱର, ୧୨/୧:** ରାଜସ୍ୱ ଅଧିକାରୀ ଏଣିକି ଆଉ କରିପାରିବେନି ଅଣରାଜସ୍ୱ କାମ। ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କଲା ରାଜସ୍ୱ ବିଭାଗ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ଅନେକ ସଂସ୍କାର କରିବାର ଆବଶ୍ୟକତା ଅଛି। ରାଜସ୍ୱ ବିଭାଗର କାମକୁ ଆହୁରି ଶାଣିତ କରିବାକୁ ଅନେକ ପଦକ୍ଷେପ ନିଆଯାଉଛି। ଯାହାଦ୍ୱାରା ରାଜସ୍ୱ ବିଭାଗର ଦାୟିତ୍ୱରେ ଥିବା ରାଜସ୍ୱ ଅଧିକାରୀମାନେ ବିଭାଗ ପ୍ରତି ସମ୍ପୂର୍ଣ୍ଣ ନ୍ୟାୟ କରିପାରିବେ। ରାଜସ୍ୱ ସେବା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ରାଜସ୍ୱ ଅଧିକାରୀମାନେ ଆହୁରି ପ୍ରତିବଦ୍ଧତା ସହ କାମ କରିବେ ସେଥିପାଇଁ ଅନେକ ସଂସ୍କାର ଅଣାଯାଉଛି। ରାଜସ୍ୱ ବିଭାଗର ମୂଳ ରାଜସ୍ୱ ଅଧିକାରୀମାନେ ରାଜସ୍ୱ ବିଭାଗରେ କାମ କରି ଥାଆନ୍ତି। ଏହାସହ ଅଧିକାରୀମାନଙ୍କୁ ଅନ୍ୟ ବିଭାଗକୁ କାମ କରିବା ପାଇଁ ପଠାଯାଇଥାଏ। ତେଣୁ ବିଭାଗ ଏହାଦ୍ୱାରା ସୃଷ୍ଟି ହେଉଥିବା ଦ୍ୱନ୍ଦରେ ସ୍ପଷ୍ଟତା ଆଣିବା ପାଇଁ ଚାହୁଁଛି। ଯେଉଁ ଅଧିକାରୀମାନେ ରାଜସ୍ୱ ବିଭାଗର ORS ଭାବେ ପଦୋନ୍ନତି ପାଉଥିଲେ, ସେମାନଙ୍କର କାମ ବିଷୟରେ ଅନୁଭବ ନଥିଲା ।

# ଚୋରା ନିଶା କାରବାର ପାଇଁ ଜନଜୀବନ ବିପର୍ଯ୍ୟସ୍ତ

ଭୁବନେଶ୍ୱର ,୧୨/୧: ଚୋରା ନିଶା କାରବାର ଓ ନିଶାଡିଙ୍କ ଦୌରାମ୍ୟ ରୋକିବାପାଇଁ କର୍ତ୍ତୃପକ୍ଷଙ୍କ କଡା ଘୋଷଣା ସତ୍ୱେ ଖୋଦ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିଶାର ପ୍ରସାର ଘଟି ଚାଲିଛି ଏବଂ ଏଥିଯୋଗୁଁ ହତ୍ୟା, ବଳାତ୍କାର ସମେତ ବିଭିନ୍ନ କିସମର ଅପରାଧ ବି ବଢୁଛି । ଅନ୍ୟ ପକ୍ଷରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଅତି ନୈରାଶ୍ୟଜନକ ହେଉଥିବାରୁ ଚୋରା ନିଶାବେପାରୀ ଓ ନିଶାଡିମାନଙ୍କର ବ୍ୟବସ୍ଥା ପ୍ରତି ଭୟ ରହୁନାହିଁ । ନିକଟରେ ରାଜଧାନୀ ଜାତୀୟ ରାଜପଥ ଉପରେ ଅଭିଯୁକ୍ତ ନିଶା ବେପାରୀଙ୍କ ଷଡଯନ୍ତ୍ର କ୍ରମେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଯାଇଛି । ଏ ପ୍ରସଙ୍ଗରେ ବିରୋଧି ଓ ସରକାରୀଦଳର ନେତାମାନେ ପରସ୍ପର ଉପରେ ଦୋଷାରୋପ କରୁଥିବାବେଳେ ନିଶା ସମସ୍ୟାର କିଭଳି ନିରାକରଣ ହେବ ସେଥିଘେନି କିନ୍ତୁ କେହି ପାଟି ଫିଟାଉ ନାହାନ୍ତି । ପ୍ରାୟ ପ୍ରତିଦିନ ଚୋରା ମଦ, ବେଆଇନ୍ କଫ୍‌ସିରପ, ଗଞ୍ଜେଇ, ହୋରୋଇନ୍, ଚରସ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ କାରବାର ସଂକ୍ରାନ୍ତୀୟ ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଛି । ଏମିତିକି ଚଢାଉ କରି ଚୋରା ନିଶା ସାମଗ୍ରୀ ଜବତ ଓ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ଖବର ବି ବାରମ୍ବାର ପ୍ରକାଶିତ ହେଉଛି । ଅନ୍ୟ ପକ୍ଷରେ ଏଭଳି କିସମର ମାମଲାରେ ଫଏସଲା ଓ ଦଣ୍ଡବିଧାନ ହାର ଅତ୍ୟନ୍ତ ନୈରାଶ୍ୟଜନକ ରହୁଛି । ଏମିତିକି ଭାରତବର୍ଷର ମହାଲେଖାକାର ତାଙ୍କ ରିପୋର୍ଟରେ ଓଡିଶାରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ନଗଣ୍ୟ ବୋଲି ଉଲ୍ଲେଖ ସହ ଏଥିଘେନି ଉଦବେଗ ପ୍ରକାଶ କରିଛନ୍ତି । ଏହି ରିପୋର୍ଟ ମଧ୍ୟ ଅତୀତରେ ବିଧାନସଭାରେ ଉପସ୍ଥାପିତ ହୋଇଛି । ଅବକାରୀ ମାମଲାରେ



ଦଣ୍ଡବିଧାନ ହାର ବଢାଇବା ସହ ମାମଲାର ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଅବକାରୀ ବିଭାଗର ସ୍ୱତନ୍ତ୍ର ପ୍ରସିକ୍ୟୁସନ ୟୁନିଟ୍ ଗଠନ କରିବାକୁ ରାଜ୍ୟ ସରକାର ଯାଉଛନ୍ତି । ତେବେ ଏଥିଯୋଗୁଁ ନିଶା କାରବାର ଯେ ବନ୍ଦ ହୋଇଯିବ ସେଥିଘେନି ମଦମୁକ୍ତି ଅଭିଯାନ ସହ ଜଡିତ ସ୍ୱେଚ୍ଛାସେବୀମାନେ ସନ୍ଦେହ ବ୍ୟକ୍ତ କରୁଛନ୍ତି । ଆଳୁ, ପିଆଜ, ଡାଲି, ତେଲ, ଲୁଣ, କପଡା ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀପାଇଁ ଓଡିଶା ଅନ୍ୟ ରାଜ୍ୟଗୁଡିକ ଉପରେ ନିର୍ଭରଶୀଳ ଥିବାବେଳେ ଓଡିଶାରେ ଉତ୍ପାଦିତ ହେଉଥିବା ବେଆଇନ୍ ଗଞ୍ଜେଇ କିନ୍ତୁ ଚୋରାରେ ଦେଶର ବିଭିନ୍ନ ରାଜ୍ୟକୁ ପଠାଯାଉଛି । ବେଳେବେଳେ ରାଜ୍ୟ ଭିତରେ ଓ ବାହାରେ ଓଡିଶାରେ ଉତ୍ପାଦିତ ଏହି ଚୋରା ଗଞ୍ଜେଇ ଧରାପଡୁଛି । ପୁଲିସ୍ ଓ ଅବକାରୀ ବିଭାଗ ଚଢାଉ କରି ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରୁଛନ୍ତି । ଅନ୍ୟ ପକ୍ଷରେ ଯେତେ ଗଞ୍ଜେଇଗଛ ନଷ୍ଟ ହେଉଛି ତାହା ଅପେକ୍ଷା ଢେର ଅଧିକ ପରିମାଣର ଗଞ୍ଜେଇ ଗଛରୁ ଚୋରା ଉତ୍ପାଦ ହେଉଥିବା ମଦମୁକ୍ତି ଅଭିଯାନ ଖୋଲା ଅଭିଯୋଗ କରୁଛି । ଅତୀତରେ ନିଶା ଜନିତ ବିଭିନ୍ନ ଦୁର୍ଘଟଣା ଘେନି ବସାଯାଇଥିବା ତଦନ୍ତ କମିଶନ ଓ ଅନ୍ୟାନ୍ୟ ରିପୋର୍ଟରେ ବାରମ୍ବାର ଦର୍ଶାଯାଇଛି ଯେ ଚୋରା ନିଶା ବେପାର ସହିତ ରାଜନୈତିକ ବ୍ୟକ୍ତିବିଶେଷ ଓ ବିଭାଗୀୟ କର୍ତ୍ତୃପକ୍ଷ ଜଡିତ ରହୁଛନ୍ତି । ଏମିତିକି କଟକ ମଦମ୍ୟତ୍ୟୁ ଦୁର୍ଘଟା ପ୍ରସଙ୍ଗରେ କ୍ରାଇମବ୍ରାଞ୍ଚର ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ ଖାକି ପୋଷାକ ପରିହିତ କିଛି ପୁଲିସ୍ ଓ ଅବକାରୀ କର୍ମଚାରୀ ଚୋରା ମଦ ବେପାରିକୁ ସହଯୋଗ କରିଥିଲେ ବୋଲି ସେତେବେଳର ଆରଡିସିଙ୍କ ରିପୋର୍ଟରେ ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଥାନା ଫାଣ୍ଡି ଆଦି ଚୋରା ନିଶା ବେପାରୀ ଠାରୁ ନିୟମିତ ବଟି ନେଉଥିବା ଦର୍ଶାଯାଇଥିଲା । ଏହା ସତ୍ୱେ ନିଶା କମିବା ପରିବର୍ତ୍ତେ ସରକାରୀ କାଉଣ୍ଟର ଓ ଚୋରା ବେପାରୀଙ୍କ ମଧ୍ୟରେ ବୃଦ୍ଧିପାଇ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଉଛି ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ନିମନ୍ତେ ତାଲିମ ଶିବିର



ଆସିକା, ୧୨/୧(ନି.ପ୍ର): ସମଗ୍ର ଶିକ୍ଷା, ଗଞ୍ଜାମ ଆନୁକୂଲ୍ୟରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ବାଲିଶିରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନଙ୍କ ନିମନ୍ତେ ଏକ ଦିବସିୟ ତାଲିମ ଶିବିର ଆସିକା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭଞ୍ଜ ବେହେରାଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ, ଅର୍ଚ୍ଚନା ବେହେରା,ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ରହି ତାଲିମ ଦେଇଥିଲେ।

ଉକ୍ତ ବୈଠକ ରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ପରିବାର ମଧ୍ୟରେ ବିଦ୍ୟାଳୟ ସ୍ତରରେ ଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ।ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଅଭିଭାବକ, ଶିକ୍ଷକ ମାନଙ୍କ ଭୂମିକା ବିଭିନ୍ନ ସହାୟକ ଉପକରଣ ଓ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ମିଳୁଥିବା ସହାୟତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କେନ୍ଦୁପଦର, ବାଲିଶିରା, କେ. ନୂଆପଲ୍ଲୀ କ୍ଲଷ୍ଟର ର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୭ତମ ବାର୍ଷିକ ଉତ୍ସବ
## "ଶିକ୍ଷା କେନ୍ଦ୍ର ହେଉଛି ଏନ୍ତୁଡି ଶାଳ'



ବସ୍ତା,୧୨/୧(ନି.ପ୍ର)::ଆଜିର ସମାଜରେ କୋମଳମତି ପିଲା ମାନଙ୍କୁ ଗଢି ତୋଳିବାର ପ୍ରମୁଖ ଭୂମିକା ଶିକ୍ଷା ର ଏନ୍ତୁଡିଶାଳ ।ଏହି ଏନ୍ତୁଡି ଶାଳରେ ନିୟୋଜିତ ଗୁରୁମା ଗୁରୁଜୀ ମାନଙ୍କ ପ୍ରଚେଷ୍ଟା ଓପିଲାଙ୍କୁ ଗଢିତୋଳିବାର ଉଦ୍ୟମ ଜାରି ରଖିଛନ୍ତି ବୋଲି ହଳଦୀପଦା ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ କାର୍ତ୍ତିକ ଚନ୍ଦ୍ର ବାରିକ। ମୁଖ୍ୟ ଅତିଥିଭାବେ ସରକାରୀଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ .ମୁଖ୍ୟ ବକ୍ତାଶିକ୍ଷା ବିକାଶ ସମିତି ସଂକୁଳ ମୁଖ୍ୟ ଡ.ଉପେନ୍ଦ୍ର ନାଥ ପାତ୍ର . ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟା ସାଗରୀକା ଜେନା. ଯୋଗ ଦେଇ ପିଲା ମାନଙ୍କର ଭବିଷ୍ୟତ ଗଠନରେ ମା ବାପା ଓ ଗୁରୁଜୀ ଗୁରୁମାଙ୍କ ଭୂମିକା ଅତୁଳନିୟ ବୋଲି ବକ୍ତବ୍ୟ ରଖିଥିଲେ ।ଆଚାର୍ଯ୍ୟା ସବିତା ରଣା ଅତିଥି ପରିଚୟ ପ୍ରଦାନକରିଥିବା ବେଳେ ଯୁଗ୍ମ ସମ୍ପାଦକ ମହେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।କୋଷାଧ୍ୟକ୍ଷ ଶରତ ଚନ୍ଦ୍ରଜେନା .ବିଦ୍ୟା ମନ୍ଦିର ର ସମସ୍ତ ଗୁରୁଜୀ ଗୁରୁମା .କମିଟିର ସମସ୍ତ ସଭ୍ୟ ପିଲା ମାନଙ୍କର ମା ବାପା ଉପସ୍ଥିତଥିଲେ ।ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ଆବାହନୀ ସଂଗୀତ ପରିବେଷଣ ହୋଇଥିଲା ।କୃତି ଛାତ୍ରଛାତ୍ରୀଙ୍କୁ ସାଟିଫିକେଟ ଅତିଥିମାନେ ପ୍ରଦାନକରିଥିଲେ ।ଉପସଭାପତି ବଂଶୀଧରସାହୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷକରିଥିଲେ ।

# ଏସସି, ଏସଟି ଜିଲ୍ଲା ଚାକିରିଆ ସଂଘର ସାବିତ୍ରୀ ଫୁଲେ ଜୟନ୍ତୀ




ସିନାପାଲି,୧୨/୧(ନି.ପ୍ର):ନୂଆପଡ଼ା ଜିଲ୍ଲା ଏସସି, ଏସଟି ଚାକିରିଆ ସଂଘ ତରଫରୁ ରାଷ୍ଟ୍ରମାତା ସାବିତ୍ରୀ ବାଇ ଫୁଲେ ଙ୍କ ଜନ୍ମ ଜୟନ୍ତୀ ସିନାପାଲି ସହର ସ୍ଥିତ ଯୁଗେନପଦର ଆଦିବାସୀ ଗୋଣ୍ଡୱାନା ସେବା ସଦନ ଗୃହ ଠାରେ ମହା ସମାରୋହ ରେ ପାଳିତ ହୋଇଯାଇଛି। ଏହି ଅବସର ରେ ରାଷ୍ଟ୍ର ମାତା ସାବିତ୍ରୀ ବାଇ ଫୁଲେ , ସମ୍ବିଧାନ ର ପ୍ରଣେତା ଡଃ ଭୀମ ରାଓ ଆମ୍ବେଦକର, ଜ୍ୟୋତିବାଇ ଫୁଲେ, ଭଗବାନ ବୁଦ୍ଧ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ରାଷ୍ଟ୍ର ମାତା ସାବିତ୍ରୀ ବାଇ ଫୁଲେ ଙ୍କ ଜନ୍ମ ଜୟନ୍ତୀ ର ଉଦ୍ଦେଶ୍ୟ ଓ ଆଜିର ସମାଜ ପାଇଁ ସାବିତ୍ରୀ ବାଇ ଫୁଲେ ଙ୍କ ଅବଦାନ ଉପରେ ବିଶେଷ ଭାବରେ ଆଲୋଚନା କରଯାଇଥିଲା। ଆଜିର ସଭାରେ ନୂଆପଡ଼ା ଜିଲ୍ଲା ଚାକିରିଆ ସଂଘ ର ସଭାପତି ଦେବରାଜ ମାଝୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ସିନାପାଲି ବିଡ଼ିଓ କାର୍ମୀ ଓରାମ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଡଃ ବାସୁଦେବ ସୁନାନୀ ,ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠ, ବ୍ଲକ କୃଷି ଅଧିକାରୀ ତପସ୍ୱିନୀ ମାଝୀ, ଶଶିଭୂଷଣ ମାଝୀ, ଜୟପାଲ ନାଗ, ଖୁଟୁରାମ ସୁନାନୀ, ପ୍ରସନ୍ନ ମାଝୀ, ଗଙ୍ଗାରାମ ବାଗ, ଭରତ ଚନ୍ଦ୍ର ବାଗ, ଝରାମଣି ପାନ, ଓଁକାର ମାଝୀ, ମୋତିଲାଲ ବାଗ, ଚିକିନୁ ମାଝୀ, ପ୍ରେମାନନ୍ଦ ନାଏକ, କ୍ଷୀର ପ୍ରସାଦ ଭୋଇ, ରମାକାନ୍ତି ମାଝୀ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ଅବସର ରେ ରାଷ୍ଟ୍ର ମାତା ସାବିତ୍ରୀ ବାଇ ଫୁଲେ ଙ୍କ ଅବଦାନ ଅତୁଳନୀୟ ଏବଂ ରାଷ୍ଟ୍ର ପାଇଁ ଶିକ୍ଷା ର ଯେଉଁ ଦୀପ ଶିଖା ଛାଡ଼ି ଦେଇ ଯାଇଛନ୍ତି ତାହା ଆମ ପାଇଁ ଆଜି ଅମୃତ ମଣୋହି ହୋଇଛି। ଏପରିକି ନାରୀ ଶିକ୍ଷା, ଅନ୍ଧ ବିଶ୍ୱାସ, କୁସଂସ୍କାର ଦୂର କରିବା ପାଇଁ ଶିକ୍ଷା ହିଁ ମୂଳ ମନ୍ତ ବୋଲି ଯେଉଁ ଆହ୍ୱାନ ଦେଇଛନ୍ତି। ତାକୁ ଆମେ ମୂଳ ମନ୍ତ୍ର ଭାବରେ ମାନିବା ସହିତ କାର୍ଯ୍ୟକାରି କଲେ ଏହି ସମାଜ ଆଗକୁ ବଢିବ ବୋଲି ଏହି ସମାରୋହରେ ମତ ପ୍ରକାଶ ପାଇଥିଲା ।

# ଜେଏସଡବ୍ଲୁ ଓ ମଇଥାନ ପ୍ରଦୂଷଣରେ ଅଞ୍ଚଳ ବାସୀ ଅଣନିଃଶ୍ୱାସୀ
## ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ



କଳିଙ୍ଗନଗର,୧୨/୧(ନି.ପ୍ର): କଳିଙ୍ଗନଗର ରେ ଥିବା ଜେଏସଡବ୍ଲୁ ଓ ମଇଥାନ ପ୍ରଦୂଷଣରେ ଅଞ୍ଚଳ ବାସୀ ଅଣନିଃଶ୍ୱାସୀ ହୋଇପଡ଼ିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ।ଉଭୟ କାରଖାନା କୁ ବାରମ୍ବାର ନୋଟିସ୍ ଜାରି କରିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ପୂର୍ବରୁ କରୁଥିବା ପ୍ରଦୂଷଣ ମାତ୍ରା ଠାରୁ ବର୍ତ୍ତମାନ ଆହୁରି ଅଧିକ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳିଛି। କିଛି ଅସାଧୁ ସରକାରୀ କର୍ମଚାରୀ ମାନଙ୍କୁ ନିଜ ସପକ୍ଷରେ ରଖି ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକଙ୍କ ଜୀବନ କୁ ଅଲୋଡା ଭାବି ମନଇଚ୍ଛା ଦୁର୍ନୀତି କରିବା ସହିତ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳିଛି। ଯାହା ର ଏକ ଉଦାହରଣ ଜେଏସଡବ୍ଲୁ ସିମେଣ୍ଟ କାରଖାନା ରାଜ୍ୟ ସରକାର ଙ୍କ ଠାରୁ ୧୮.୮ ଏକର ପରିମିତ ଜମି ପ୍ରଦାନ କରିବା ସମୟରେ ଯେଉଁ ସବୁ ନିୟମ ପାଳନ କରିବା ପାଇଁ କାରଖାନା ପ୍ରତିଶ୍ରୁତି ଦେଇଥିଲେ। ତାହା କୁ ଅଣଦେଖା କରୁଥିବା ଦେଖିବାକୁ ମିଳିଛି। ଜେଏସଡବ୍ଲୁ ୧.୨ ନିୟୁତ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସିମେଣ୍ଟ କାରଖାନା ସ୍ଥାପନ ସମୟରେ ପରିବେଶ ପ୍ରଦୂଷଣ କରିନାହିଁ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ରେ ଅଗ୍ରାଧିକାର ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଲିଖିତ ପ୍ରଦାନ କରିଛନ୍ତି। ମାତ୍ର ଦୁଃଖର ବିଷୟ କି ଯାଜପୁର ଜିଲ୍ଲା ରୁ ଜଣେ କେହି କମ୍ପାନୀ ର ଅଧିକାରୀ ରୂପରେ ଦେଖିବାକୁ ମିଳୁନାହାଁନ୍ତି। ଏଥି ସହିତ ଜିଲ୍ଲା ପ୍ରଶାସନ ର କୌଣସି କଥା କୁ ମାନୁ ନଥିବା ପରି ପରିଲକ୍ଷିତ ହୋଇଛି। ୧୮.୮ ଏକର ଜମିରେ ଆବଶ୍ୟକତା ଅନୁଯାୟୀ କାରଖାନା ସ୍ଥାପନ କରିବା କଥା ମାତ୍ର ବର୍ତ୍ତମାନ ଦେଖିବାକୁ ମିଳିଛି କି ବେଆଇନ ଭାବରେ ଇଡକୋ ତଥା ସରକାରୀ ଜାଗା କୁ ଜବରଦଖଲ କରି ନିଜ ର ବହୁ ପ୍ରକଳ୍ପ କରିଥିବା ଦେଖିବାକୁ ମିଳିଛି। ଏହି ବେଆଇନ କାର୍ଯ୍ୟ କୁ ପରୋକ୍ଷରେ ଇଡକୋ ବିଭାଗ ର କିଛି କର୍ମକର୍ତ୍ତାମାନଙ୍କ ସହଯୋଗ କରୁଥିବା ପରି ପରିଲକ୍ଷିତ ହୋଇଛି। କାରଣ ୩୦୦ ମିଟର କମନ କରି ଡୋର ରାସ୍ତା ପାଇଁ ଥିବା ସବକାରୀ ଯାଗା କୁ କିପରି ଜେଏସଡବ୍ଲୁ ସିମେଣ୍ଟ କାରଖାନା ନିଜ ଗାଡିଗୁଡିକ ସଫା କରିବା ପାଇଁ ହୁଇଲି ଓ୍ୱା।ସିଙ୍ଗ ସିଷ୍ଟମ ନିର୍ମାଣ କାର୍ଯ୍ୟ କରିଥିବା ସହିତ ନିଜର କାରଖାନା ସମ୍ମୁଖରେ ଗାଡ଼ି ପାର୍କିଂ ସ୍ଥଳ ନିର୍ମାଣ କରି ସ୍ଥାୟୀ ଭାବରେ କ୍ୟାଣ୍ଟିନ କରି ସମ୍ପୂର୍ଣ୍ଣ ଭାବେ ସରକାରୀ ଜାଗା କୁ ଜବରଦଖଲ କରିଥିବା ଦେଖିବାକୁ ମିଳିଛି। ଠିକ୍ ସେହିପରି ମଇଥାନ ପ୍ରଦୂଷଣରେ ଅଞ୍ଚଳ ବାସୀ ତ୍ରାହି ତ୍ରାହି ଡାକୁଥିଲା ବେଳେ ମଇଥାନ ରୁ ନିର୍ଗତ ବର୍ଯ୍ୟ ବସ୍ତୁ କୁ ମଧ୍ୟ କିଛି ସ୍ଥାନୀୟ ଅଞ୍ଚଳରେ ଥିବା ମାଫିଆ ଙ୍କୁ ଦେଇ ଅଞ୍ଚଳ ରେ ଥିବା ଏକାଧିକ ସ୍ଥାନରେ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳିଛି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ରାଜ୍ୟ ସରକାର ?ଏଥିପ୍ରତି କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ୩୧ଟି ଅଭିଯୋଗ ଶୁଣାଣୀରେ ଶେଷ ହେଲା ମୁରିବାହାଲ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



ମୁରିବାହାଲ, ୧୨/୧(ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟରେ ସୋମବାର ନୂତନ ବର୍ଷର ପ୍ରଥମ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା ।ମାତ୍ର ୩୦ମିନିଟରେ ଶେଷ ହୋଇଯାଇଥିବା ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣୀରେ କେବଳ ୩୧ଟି ଅଭିଯୋଗ ହିଁ ଦାଖଲ ହୋଇଥିଲା ।ଏଥିରେ ୨୩ଟି ବ୍ୟକ୍ତିଗତ ଓ ୮ଟି ସାମୁହିକ ଅଭିଯୋଗ ଦାଖଲ ହୋଇଥିଲା ।ଆସିଥିବା ଶତାଧିକ ଅଧିକାରୀଙ୍କ ତୁଳନାରେ ଅଭିଯୋଗକାରୀଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା। ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପ୍ରଚାର ପ୍ରସାର କରାଯାଇନଥିଲା ।କେବଳ ବ୍ଲକର କିଛି କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କୁ ଡାକି କିଛି ଦିନ ପୂର୍ବରୁ ପ୍ରସ୍ତୁତି ପର୍ବରେ ଶେଷ ହୋଇଥିଲା ପ୍ରଚାର ପ୍ରସାର ।ଫଳରେ ୨୨ଟି ପଞ୍ଚାୟତର ସାଧାରଣ ଲୋକଟିଏ ମଧ କେହି ଏ ବିଷୟରେ ଜାଣିପାରିନଥିବା ବେଳେ ଆଉ କେତେକ ଜାଣି ଅଭିଯୋଗ କରିବାକୁ ଆସିବା ବେଳେ ଜିଲ୍ଲାସ୍ତରୀୟ କୌଣସି ଅଧିକାରୀଙ୍କୁ ଭେଟି ନ ପାରି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା ।କେବଳ ଲୋକ ଦେଖାଣିଆ ଜନ ଅଭିଯୋଗ ଶୁଣାଣୀ ଶିବିର ପାଇଁ ଏହା ସମ୍ପୂର୍ଣ୍ଣ ପ୍ରହସନରେ ପରିଣତ ହୋଇଥିବା ସାଧାରଣରେ ଗୁରୁତର ଅଭିଯୋଗ ହୋଇଛି ।ଜିଲ୍ଲାସ୍ତରୀୟ ଅଧିକାରୀମାନେ କେବଳ ନିଜର ଉପସ୍ଥାନ ପକାଇ ଆସି ଫେରୁଥିବା ଦେଖିବାକୁ ମିଳିଥିଲା ।ପୂର୍ବରୁ ଏଭଳି ଅଭିଯୋଗ ଶୁଣାଣୀ ଶିବିରରେ ଲୋକେ ବିଭିନ୍ନ ପ୍ରକାରର ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ମାସ ମାସ ଧରି ଏହାର ଗୋଟିଏ ମଧ ସମାଧାନ ହୋଇନଥିବା ଅଭିଯୋଗ କରୁଥିବା ଦେଖିବାକୁ ମିଳିଥିଲା ।ଏହି ଶିବିରରେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଈଶାଳୱାର, ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରୀ ଦ୍ୟାନଦେଓ,ଏପିଡି ତରଣି ସୁନା,ଉପଜିଲ୍ଲାପାଳ ରେହାନ କ୍ଷେତ୍ରୀ, ବିଡ଼ିଓ ବାସନ୍ତୀ ସେଠୀ,ତହସିଲଦାର ଜଗଦୀଶ କର୍ତ୍ତାମୀ,ଅର୍ଥ ଅଧିକାରୀ ଘେନୁରାମ ତାଣ୍ଡି, ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁ,ଆଇଆଇସି ସିପୋରା ସରାୟ ଲୁଗୁନ,ଏଇଇ ଅବିନାଶ ମୁଦିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡ଼ିଓ ବାସନ୍ତୀ ସେଠୀଙ୍କୁ ପଚାରିବାରୁ ପଞ୍ଚାୟତସ୍ତରୀୟ ଶିବିରରେ ଲୋକେ ଆବାସ ଗୃହ, ରାସନ କାର୍ଡ ଓ ଭତ୍ତା ଭଳି ଅଭିଯୋଗ କରିସାରିଥିବାରୁ ସଂଖ୍ୟା କମ ରହିଥିବା ସ୍ୱୀକାର କରିଥିଲେ ।ଏହି ଶିବିରରେ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# ବେଆଇନ୍ ପାର୍କିଂ ଯୋଗୁଁ ୧୬ନଂ ଜାତୀୟ ରାଜପଥ ଉପରେ ପ୍ରତିଦିନ ଯାଉଛି ଅମୂଲ୍ୟ ଜୀବନ




ଚୌଦ୍ୱାର ୧୨/୧(ନି.ପ୍ର): କୁ ଦିନ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ବୃଦ୍ଧି ଘଟୁଛି ବେଆଇନ୍ ପାର୍କିଂ। ଯେଉଁଥି ପାଇଁ ବଢ଼ି ଚାଲୁଛି ଦୃଘଟଣା।ଏଥି ନେଇ ବୋହୁ ଧନ ଜୀବନ ହାନି ଘଟୁଥିଲା ବେଳେ ଆଜି ଚୌଦ୍ୱାର ଏସଡିପିଓ ଙ୍କ ତରଫରୁ ଏହି ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ବେଆଇନ୍ ପାର୍କିଂ କରିଥିବା ଗାଡ଼ି ଗୁଡ଼ିକୁ ଚିହ୍ନଟ କରି ଫାଇନ ଆଦାୟ କରାଯାଇଛି ।ଆଜି ଟାଙ୍ଗୀ ଚୌଦ୍ୱାର ମିଳନ ସ୍ଥଳ ମଙ୍ଗୁଳି ଛକ ରେ ଚୌଦ୍ୱାର ଏସଡ଼ିପିଓ ଟାଙ୍ଗୀ ପୋଲିସ୍, ଏନ୍ ଏଚ୍ କର୍ମଚାରୀ ଓ ଆର୍ ଟିଓ ତରଫରୁ ୩୮ ଟି ଗାଡ଼ି ଠାରୁ ଏକ ଲକ୍ଷପଞ୍ଚା ଅସି ହଜାର ଟଙ୍କା (୧,୮୫,୦୦୦) ଜରିମାନା ଆଦାୟ ହୋଇଥିବା ଟାଙ୍ଗୀ ପୋଲିସ୍ ତରଫରୁ ସୂଚନା ଦିଆଯାଇଛି ।ଏହି ଚଢାଉ ଆଗମୀ ଦିନରେ ମଧ ଜାରି ରହି ଜାତୀୟ ରାଜପଥ କୁ ବେଆଇନ୍ ପାର୍କିଂ ମୁକ୍ତ କରାଯିବ ବୋଲି ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ପ୍ରକାଶ କରିଛନ୍ତି।

# ମୃତ ଚାଷୀ ପରିବାରକୁ ଭେଟିଲେ କଂଗ୍ରେସ ପ୍ରତିନିଧି, ଫସଲହାନି, ଋଣ ଚିନ୍ତାରେ ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଛି




ଭୁବନେଶ୍ୱର , ୧୨/୧(ନି.ପ୍ର): ଅଦିନିଆ ବର୍ଷା ଫଳରେ ଧାନ ଓ ପନିପରିବା ଫସଲ ବିପୁଳ ଭାବରେ କ୍ଷତି ହୋଇଛି। ଫସଲକ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ତ୍ୱରୀତ ସହାୟତା ଯୋଗାଇ ଦିଆଯାଇ ନାହିଁ। ଯଥେଷ୍ଟ ପୂର୍ବରୁ ମଧ ଫସଲ ସୁରକ୍ଷିତ ପାଇଁ ପାଣିପାଗ ସମ୍ପର୍କରେ ଆବଶ୍ୟକ ସୂଚନା ଦିଆଯାଇ ନାହିଁ ଫଳରେ ଇତି ମଧ୍ୟରେ ରାଜ୍ୟରେ ୧୪ଜଣ ଚାଷୀ ଆତ୍ମହତ୍ୟା କଲେଣି। ଚାଷୀ ଆତ୍ମହତ୍ୟା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ସ୍ୱର୍ଶକାତର। କିନ୍ତୁ ସରକାର ସମ୍ବେଦନଶୀଳ ହେବା ପରିବର୍ତ୍ତେ ଚାଷୀଙ୍କୁ ଆଶ୍ୱାସନା ଦେବାରେ ମଧ ବିଫଳ ହୋଇଛନ୍ତି। ଗତ ୪ ତାରିଖ ଦିନ କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡ଼ମ୍, ପିସିସି ଷ୍ଟିୟରିଂ କମିଟି ସଂଯୋଜକ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ୍, ଓଡ଼ିଶା ପ୍ରଦେଶ କିଷାନ ସେଲ୍ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ, ଜଗତସିସହପରୁ ଜିଲ୍ଲା କଂଗ୍ରେସ କମିଟି ନଟବର ବାରିକ , ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ଗତ ନିର୍ବାଚନର ଜାତୀୟ କଂଗ୍ରେସ ପ୍ରାର୍ଥୀ ନଳିନୀ କୁମାର ସ୍ୱାଇଁ ପ୍ରମୁଖ ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ସାରଣା ଗ୍ରାମର ମୃତ ଚାଷୀ କୃତ୍ତୀବାସ ସ୍ୱାଇଁଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ଚାଷୀ ମୃତ୍ୟୁ ଘଟଣାଟିର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ ଏବଂ ମୃତକ କୃତ୍ତୀବାସଙ୍କ ପରିବାରକୁ ଦଳ ତରଫରୁ ଇଂ. ମହମ୍ମଦ ମୋକିମ୍ ନଗଦ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରେ ଜଗତସିଂହପୁର ସର୍କିଟ୍ ହାଉସଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇଂ ମହମ୍ମଦ ମୋକିମ୍ ରାଜ୍ୟ ସରକାର ଜିରୋ କାଜୁଆଲିଟି ଓ ପରବର୍ତ୍ତୀ ସମୟରେ ଚାଷୀଙ୍କୁ ତ୍ୱରିତସହାୟତା ଯୋଗାଇଦେବାରେ ବିଫଳ ହେଲେଣି। ଆଜି ପର୍ଯ୍ୟନ୍ତ କ୍ଷେତ୍ରସ୍ତରରୁ କ୍ଷୟକ୍ଷତିର ସଠିକ୍ ଆକଳନ କରାଗଲା ନାହିଁ। ମନ୍ତ୍ରୀମାନଙ୍କ ବିବୃତ୍ତି ମଧ୍ୟରେ ତାଳମେଳ ନାହିଁ ଯାହା ଚାଷୀଙ୍କ ପାଇଁ କଟା ଘା'ରେ ଚୂନ ସଦୃଶ ହୋଇଛି। ଫଳରେ ଚାଷୀ ଆତ୍ମହତ୍ୟା ବଢ଼ିଚାଲିଛି। ଏହାର ନିରାକରଣ ଦିଗରେ ସରକାର କାଳ ବିଳମ୍ବ ନ କରି ପଦକ୍ଷେପ ନେବା ଉଚିତ୍ ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡ଼ମ୍ କହିଲେ ଯେ, ତୁରନ୍ତ ରିଲିଫ୍ କୋର୍ଡ଼ ସଂଶୋଧନ କରାଯାଇ ଭାଗଚାଷୀମାନଙ୍କୁ ସହାୟତା ଦିଆଯାଉ ନଚେତ୍ ଚାଷୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ। ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ କହିଲେ ଯେ, ନଭେମ୍ବର ୨୦ ରୁ ୨୮ ତାରିଖ ମଧ୍ୟରେ ୨ଟି ପର୍ଯ୍ୟାୟରେ ୨୧ଟି ଜିଲ୍ଲାରେ ପ୍ରାୟ ୧୦ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଧାନ ଓ ଅଣଧାନ ଫସଲ ନଷ୍ଟ ହୋଇଛି। କିନ୍ତୁ ଦୁଃର୍ଭାଗ୍ୟର କଥା ସରକାର ତାଙ୍କ ରିପୋର୍ଟରେ ୧୬ଟି ଜିଲ୍ଲାରେ ୨ଲକ୍ଷ ୨୬ ହଜାର ୭୦୧ ହେକ୍ଟର ଜମିରେ ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଛି। ଏହି ମର୍ମରେ ଆକଳନ ଅନୁଯାୟୀ ୬ଲକ୍ଷ ୬ଶହ ୬୬ ହଜାର ୭୨୦ଜଣ ଚାଷୀଙ୍କୁ କ୍ଷତିପୂରଣ ସହାୟତା ଦିଆଯିବ ବୋଲି ସରକାର କହିଛନ୍ତି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟର ୨୧ ଲକ୍ଷରୁ ଊର୍ଦ୍ଧ୍ୱଚାଷୀ ବୀମା ପଞ୍ଜିକୃତ କରିଥିବା ବେଳେ ସରକାରଙ୍କ ତୃଟିପୂର୍ଣ୍ଣ ଘୋଷଣା ଯୋଗୁଁ କ୍ଷତି ପୂରଣ ପାଇବା ପାଇଁ ମାତ୍ର ୨ଲକ୍ଷ ୬୧ ହଜାର ଚାଷୀ ପଞ୍ଜିକୃତ କରିଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲା ୧ଲକ୍ଷ ୨୨ ହଜାର ଚାଷୀ ରହିଥିବା ବେଳେ ମାତ୍ର ୨୬ ହଜାର ଆବେଦନ କରିଥିବା ଚାଷୀଙ୍କୁ ସହାୟତା ମିଳିଲେ ଅନ୍ୟ ସମସ୍ତ ଚାଷୀଙ୍କ ପାଇଁ ବ୍ୟବସ୍ଥା କଣ ବୋଲି କହିଛନ୍ତି। ଯାହ ଦ୍ୱାରା ଜିଲ୍ଲାର ୬୧ ପ୍ରତିଶତରୁ ଊର୍ଦ୍ଧ୍ୱ ଭାଗଚାଷୀ ସହାୟତା ପାଇବାରୁ ବଞ୍ଚିତହେବେ। ସରକାରଙ୍କଏପରି ଉଦାସୀନତାକୁ କୌଣସି କ୍ଷେତ୍ରରେ ବରଦାସ୍ତ କରାଯିବା ନାହିଁ ବୋଲି ସେ ସରକାରଙ୍କୁ ଚେତାବନୀ ଦେଇଥିଲେ। ସରକାରଙ୍କ ପକ୍ଷରୁ ତୁରନ୍ତ ଏଫଏକ୍ୟୁମାନ କୋହଳ କରାଯାଇ ସବୁ ବଳକା ଧାନ ୩୧ଶହ ଟଙ୍କାରେ କ୍ରୟ, କୃଷିଋଣ ଛାଡ଼, ସମସ୍ତ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୦ ହଜାର ଟଙ୍କା ସହାୟତା, ପ୍ରଚଳିତ ରିଲିଫ୍ କୋର୍ଡ଼ର ସଂଶୋଧନ, ଭାଗଚାଷୀମାନଙ୍କୁ ସ୍ୱତନ୍ତ୍ର ସହାୟତା, ତୁରନ୍ତ ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତି ସହାୟତା ପ୍ରଦାନ ଏବଂ ରବି ଚାଷ ପାଇଁ ଆବଶ୍ୟକ କୃଷି ଇନପୁଟ୍ ଯୋଗାଇଦେବା ସହ ତୁରନ୍ତ ଧାନମଣ୍ଡି ଖୋଲାଯିବାକୁ ଦଳ ତରଫରୁ ଦୃଢ଼ ଦାବୀ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, କଂଗ୍ରେସ ନେତା ଗୋବିନ୍ଦ ଭୂୟାଁ, ନିରଞ୍ଜନ ନାୟକ, ବିପ୍ଳବ ଚୌଧୁରୀ, ଦେବ ପ୍ରସାଦ ନାୟକ, ନୂତନ ତ୍ରିପାଠୀ ପ୍ରମୁଖ ନେତୃମଣ୍ଡଳୀ ଓ ବିଭିନ୍ନ ବ୍ଲକର ଚାଷୀ ଉପସ୍ଥିତ ଥିଲେ।

# ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ୨୦୨୫



ବାସୁଦେବପୁର, ୧୨/୧(ନି.ପ୍ର): ମନ୍ଦାରୀ ଉଚ୍ଚ ବିଦ୍ୟାଳୟ ର ୧୯୯୭ ବ୍ୟାଚର ଛାତ୍ର ମାନଙ୍କ ଦ୍ୱାରା ଏକ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାବା ପଞ୍ଚୁଲିଙ୍ଗେଶ୍ୱର ପୀଠରେ ଗତକାଲି ରବିବାର ଦିନ ୧୯୯୭ ମସିହା ରେ ମନ୍ଦାରୀ ଉଚ୍ଚ ବିଦ୍ୟାଳୟ ର ସମସ୍ତ ଗରୁଜୀ, କିରାଣୀ ଓ ପିଅନ ମାନଙ୍କୁ ନେଇ ଏକ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ ମନ୍ଦାରୀ ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ମଲ୍ଲିକ୍ ଏବଂ ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ଚରଣ ମଣ୍ଡଳ, ପ୍ରଦୀପ କୁମାର ମଲ୍ଲିକ୍, ରମେଶ ଚନ୍ଦ୍ର ଓଝା, ଅଜୟ କୁମାର ମହାକୁଡ଼, ବ୍ରଜ କିଶୋର ବୁଢ଼େଇ, ସନାତନ ନାୟକ, କିରାଣୀ ଅକ୍ଷୟ କୁମାର ନାୟକ, ଦୈତାରୀ ମଲ୍ଲିକ୍, ଗଦାଧର ଦାସ, ବନମାଳୀ ନାୟକ ଓ କୈଳାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୦ ରୁ ଅଧିକ ଛାତ୍ର ଯୋଗଦେବା ସହିତ ଗୁରୁମାନଙ୍କୁ ପୁଷ୍ପ, ଚନ୍ଦନ ଦେଇ ପୂଜା କରିଥିଲେ ଏବଂ ସମସ୍ତ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ଶାଲ, ଉପହାର ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସମସ୍ତ ଗୁରୁ ଉପସ୍ଥିତ ଥିବା ସମସ୍ତ ଛାତ୍ର ମାନଙ୍କୁ ଆଶୀର୍ବାଦ ଭାଷଣ ପ୍ରଦାନ କରିବାସହିତ ଏହି ଭଳି ଏକତ୍ର ହୋଇ ରହି ସମାଜର ମଙ୍ଗଳ ସାଧନ କରିବାପାଇଁ ଉପଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ଉଦୟ କୁମାର ମଲ୍ଲିକ୍, ଦୀପକ ମହାନ୍ତି, ସରୋଜ କୁମାର ମହାଳିକ, ବସନ୍ତ କୁମାର ବାରିକ, ସୁଶାନ୍ତ କୁମାର ଦାସ, ସୁଶାନ୍ତ କୁମାର ବେହେରା, ଚିନ୍ତାମଣି ବାରିକ୍, ରଞ୍ଜନ କୁମାର ମଲ୍ଲିକ୍ ଏବଂ ଅନ୍ୟ ସମସ୍ତ ସାଙ୍ଗ ମାନେ ସହଯୋଗ କରିଥିଲେ।

## ସଂପାଦକୀୟ

# ଉତ୍କଟ ହେଉଛି ଜଙ୍ଗଲ ନିଆଁ

## ଜଙ୍ଗଲ ସମ୍ପଦ ଓ ବନ୍ୟପ୍ରାଣୀ ପ୍ରତି ବିପଦ

ସମଗ୍ର ଓଡ଼ିଶାରେ ବନାଗ୍ନି ଅଣାୟତ ହୋଇପଡ଼ିଛି । ଆମର ଗର୍ବ ଓ ଗୌରବର ସଂରକ୍ଷିତ ଜଙ୍ଗଲ ଶିମିଳିପାଳଠାରୁ ଆରମ୍ଭ କରି କୁଲିଡିହା ଓ ଅନ୍ୟାନ୍ୟ ପ୍ରାୟ ସବୁ ଗୁରୁତ୍ୱପୂର୍ଣ୍ଣ ବନଖଣ୍ଡରେ ନିଆଁ ଜଳୁଛି । ରାଜଧାନୀ ଉପଖଣ୍ଡ ଶିଖରଚଣ୍ଡୀ ପାହାଡ଼ରେ ଅଗ୍ନି ବିତ୍ପାତ ଯୋଗୁଁ ଆଖପାଖ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି । ସପ୍ତାହକ ତଳେ ଓଡ଼ିଶା ବନାଗ୍ନିରେ ଜାତୀୟସ୍ତରରେ ତଳେ ଥିଲା ଏବଂ ଆନ୍ଧ୍ରପ୍ରଦେଶ ଏକ ନମ୍ବର ସ୍ଥାନରେ ରହିଥିଲା । ହଠାତ୍ କ'ଣ ହେଲା କେଜାଣି ଏବେ ଓଡ଼ିଶା ବନାଗ୍ନିରେ ଜାତୀୟସ୍ତରରେ ଏକ ସପ୍ତାହ ଧରି ପ୍ରଥମ ସ୍ଥାନରେ ରହିଛି । ଏବେ ଓଡ଼ିଶାର ୧୪୩ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିବା ଉପଗ୍ରହ ଚିତ୍ରରୁ ସୂଚନା ମିଳିଛି । ପ୍ରଶ୍ନ ଉଠୁଛି ଯେ ୧୧୨ଟି ସ୍ଥାନରେ ଲାଗିଥିବା ଜଙ୍ଗଲ ନିଆଁକୁ ଆନ୍ଧ୍ର ନିୟନ୍ତ୍ରଣ କରି ଜାତୀୟ ତାଲିକାରେ ସପ୍ତମ ସ୍ଥାନକୁ ଖସିଥିବାବେଳେ ଓଡ଼ିଶା ଏ କ୍ଷେତ୍ରରେ ବିଫଳ ହୋଇ ପ୍ରଥମ ହେବାର ଅଲୋଡ଼ା ରେକର୍ଡ କରିବା ନିଶ୍ଚିତ ଉଦବେଗଜନକ । ଆମ ଜଙ୍ଗଲ ବିଭାଗର ପାରିବାର ପଣିଆ ଓ ନିଷ୍ଠା ପ୍ରତି ଏ ପରିସ୍ଥିତିରେ ଅଙ୍ଗୁଳି ଉଠିବା ସ୍ୱାଭାବିକ ।

ଓଡ଼ିଶାରେ ଚଳିତ ବର୍ଷ ଏ ଯାଏଁ ୬୩୦ ବନାଗ୍ନିର ଖବର ମିଳିଛି । ଜଙ୍ଗଲରେ ନିଆଁ ଲାଗେ ଏବଂ ତାହାକୁ ଆୟତ କରିବାକୁ ପଡ଼େ । ଏଥିରେ ପ୍ରାକୃତିକ କାରଣ ଅପେକ୍ଷା ମନୁଷ୍ୟକୃତ ଅଗ୍ନିକାଣ୍ଡ ଘଟଣା ଅଧିକ ଥାଏ । ତେବେ ଅଗ୍ନି ନିର୍ବାପନ ଓ ଜଙ୍ଗଲ ସୁରକ୍ଷା ଏକ ବିଭାଗୀୟ କାର୍ଯ୍ୟ । ଏଥିରେ ତ୍ରୁଟି ବା ଉଦାସୀନତା ରହିଲେ ଜଙ୍ଗଲ ସମ୍ପଦ ଓ ବନ୍ୟପ୍ରାଣୀ ବିଶେଷ ଭାବେ ପ୍ରଭାବିତ ହୋଇଥା'ନ୍ତି । ଏହା ସତ ଯେ ଏ ବର୍ଷ ବିଗତ ୬ ମାସ ଧରି ବର୍ଷା ହୋଇନଥିବାରୁ ଜଙ୍ଗଲ ନିଆଁର ପ୍ରକୋପ ବୃଦ୍ଧି ପାଇଛି । ତେବେ ଏହାର ଅର୍ଥ ନୁହେଁ ଯେ ନିଆଁକୁ ଆୟତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନ ନେଇ ପ୍ରକୃତିକୁ ଦୋଷ ଦେଇ ଆମେ ବସିଯିବା । ମନୁଷ୍ୟକୃତ ନିଆଁକୁ ଆୟତ କରିବାକୁ ହେଲେ ପୁଲିସ୍ ଓ ପ୍ରଶାସନକୁ ସତର୍କ ରହିବାକୁ ପଡ଼ିବ ଏବଂ ଜଙ୍ଗଲ ବିଭାଗକୁ ଲୋକଙ୍କ ସହଯୋଗରେ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରିବାକୁ ପଡ଼ିବ । ସମାଜବିରୋଧୀ, ଜଙ୍ଗଲ ମାଫିଆ, କାଠଚୋର ଓ ଅସାମାଜିକ ତତ୍ୱଙ୍କ ଉପରେ ସଚେତନତା ବାର୍ତ୍ତା କୌଣସି ପ୍ରଭାବ ପଡ଼େ ନାହିଁ । ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଲୋଡ଼ା । ଜଙ୍ଗଲ ନିଆଁକୁ ରୋକିବାକୁ ଜାତୀୟସ୍ତରରେ ନୂଆ ଜ୍ଞାନକୌଶଳର ଉପଯୋଗ ଆରମ୍ଭ ହେଲାଣି । ଏବେ ଗୋଆରେ ଦେଖାଦେଇଥିବା ବନାଗ୍ନିକୁ ନିୟନ୍ତ୍ରଣ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଡ୍ରୋନ ଓ ହେଲିକେପ୍ଟର ବ୍ୟବହାର କରାଯାଇଥିଲା । ଆକାଶମାର୍ଗରୁ ପାଣି ଏବଂ ନିଆଁ ଲିଭା ଗ୍ୟାସ ପ୍ରୟୋଗ କରାଯିବା ଫଳରେ ବନାଗ୍ନି ଥମିଛି ।

ଓଡ଼ିଶାର ଯେଉଁ ଅଗମ୍ୟ ଆଭ୍ୟନ୍ତରୀଣ ଅଞ୍ଚଳରେ ବନାଗ୍ନି ଦେଖାଦେଇଛି, ସେଠାରେ ଆକାଶମାର୍ଗରୁ ଏହାକୁ ଆୟତ କରିବାର କୌଶଳ ଅବଲମ୍ବନ କରାଯିବା ଉଚିତ । ଆହୁରି ମଧ୍ୟ ବନାଗ୍ନି ନିୟନ୍ତ୍ରଣରେ ଗୋଟିଏ ରାଜ୍ୟର ଶ୍ରେଷ୍ଠ ସଫଳ ନୀତି ଓ କାର୍ଯ୍ୟାନୁଷ୍ଠାନକୁ ଅନ୍ୟ ରାଜ୍ୟରେ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି । ବନ ବିଭାଗର ସଚେତନତା ଅଭିଯାନ ଓ କାର୍ଯ୍ୟରୁ ମନେ ହେଉଛି ଏହା ପାଖରେ ଅର୍ଥର ଅଭାବ ନାହିଁ । ଲାଗିଥିବା ନିଆଁକୁ ପ୍ରଥମେ ଆୟତ ନ କରି ଗାଁ ଗାଁରେ ଦାସକାଠିଆ ଓ ପାଲା ଆଦି ମାଧ୍ୟମରେ ବନାଗ୍ନି ବିରୋଧୀ ସଚେତନତା ସୃଷ୍ଟି କଲେ ବିଶେଷକିଛି ଲାଭ ମିଳିବ ନାହିଁ । ବିଗତ କେତେ ବର୍ଷ ଧରି ଓଡ଼ିଶାର ଜଙ୍ଗଲ ସମ୍ପଦ ବଢ଼ିବାରେ ଲାଗିଥିଲା । ବଣ ଜଙ୍ଗଲର ସ୍ୱାସ୍ଥ୍ୟ ଭଲ ରହିଲେ ଏହା ବନ୍ୟପ୍ରାଣୀ, ଜୀବମଣ୍ଡଳ ଓ ପରିବେଶ ଉପରେ ଉତମ ପ୍ରଭାବ ପକାଏ । ଓଡ଼ିଶାରେ ଆଗଭଳି ଆଉ ପୋଡୁଚାଷ ନାହିଁ । ତେଣୁ ଜଙ୍ଗଲ ସମ୍ପଦ ଏହି ମନୁଷ୍ୟକୃତ ଅଗ୍ନିକାଣ୍ଡରୁ ଅନେକାଂଶରେ ସୁରକ୍ଷିତ ହୋଇଛି । ଆମର ସନ୍ଦେହ ହେଉଛି ଯେ ହେକ୍ଟର ବା କ୍ଷେତ୍ରଓ୍ୱାରୀ ସମନ୍ୱୟ ଓ ଲୋକବଳର ଅଭାବରୁ ଜଙ୍ଗଲ ନିଆଁ ବ୍ୟାପୁଛି ଏବଂ ଦୁର୍ବଳ ବନ ପରିଚାଳନା ସ୍ଥିତିର ଫାଇଦା ନେଇ କାଠଚୋର ଓ କାଠମାଫିଆ ଏହି ସଂଘଟିତ ଅଗ୍ନିକାଣ୍ଡ ଭିଆଉଛନ୍ତି । ସ୍ଥାନୀୟ ଆଦିବାସୀ ଓ ଜନତାଙ୍କୁ ଜଙ୍ଗଲ ସୁରକ୍ଷା ତଥା ବନାଗ୍ନି ନିୟନ୍ତ୍ରଣରେ ଅଗ୍ରାଧିକାର ଦିଆଯାଉ । ସମନ୍ୱୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସୁସଂହତ କରାଯାଉ । ତେବେ ଯାଇ ଏ କାମରେ ସଫଳତା ମିଳିବ । ଗୋଆ ଯଦି ପାରିଲା, ଆମେ କାହିଁକି ପାରିବା ନାହିଁ ?

# ସଙ୍କଟରେ ଜୀବନରେଖା

**ଶ୍ୟାମ ସୁନ୍ଦର ସାମଲ**

ମାନବ ସଭ୍ୟତା ଗଢ଼ି ଉଠିବା ଦିନଠାରୁ ନଦୀ ଏକ ଉପକାରୀ ପ୍ରାକୃତିକ ଜଳ ଉତ୍ସ ଭାବେ ସର୍ବଦା ମଣିଷକୁ ସହାୟତା ଯୋଗାଇ ଆସିଛି । ନଦୀ ଉପତ୍ୟକାରେ ଅନେକ ସମୃଦ୍ଧ ସଭ୍ୟତା ଗଢ଼ି ଉଠିଥିବା ଇତିହାସରେ ବର୍ଣ୍ଣିତ । ହେଲେ ବର୍ତମାନ ନଦୀ ଜଳର ଅପବ୍ୟବହାର କରାଯାଉଛି । ଶିଳ୍ପାୟନ ଯୋଗୁଁ ନଦୀ ଜଳ ଦୂଷିତ ହେବା ସହ ଅପଚୟ ହେଉଛି । ନଦୀ ଜଳକୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଉଥିବାବେଳେ ଏହାର ସଂରକ୍ଷଣ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ । ସେହିପରି ବିଦ୍ୟୁତ୍ ? ? ଉତ୍ପାଦନ, ଜଳସେଚନ ପାଇଁ ବଡ଼ ବଡ଼ ଡ୍ୟାମ୍ ନିର୍ମାଣ କରାଯାଉଛି । ନଦୀର ଗତିପଥ ବଦଳା ଯାଉଛି । ଏଥିଯୋଗୁଁ ମରୁଡ଼ି, ବନ୍ୟା, ଭଳି ପରିସ୍ଥିତି ସୃଷ୍ଟି ହେଉଛି ।

କେବଳ ଭାରତୀୟ ଜନଜୀବନ ନୁହେଁ, ସମଗ୍ର ପୃଥିବୀର ମୁଖ୍ୟ ଜୀବନ ଜୀବିକାର ଅବଲମ୍ବନ କ୍ଷେତ୍ର ହେଉଛି ପ୍ରମୁଖ ନଦୀ । କିନ୍ତୁ ଆଜି ଭାରତର ପ୍ରମୁଖ ନଦୀମାନେ ନିଜର ଗତିପଥରେ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି । ଦିନକୁ ଦିନ ମନୁଷ୍ୟକୃତ ଆବର୍ଜନା ନଦୀ ଜଳକୁ ଭୟଙ୍କର ଭାବେ ପ୍ରଦୂଷିତ କରିବା ସହ ଏହାର ଗଭୀରତାକୁ ପ୍ରଭାବିତ କରୁଛି । ଭାରତର ବିଶିଷ୍ଟ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କ ଶାସନ ସମୟରେ ଭାରତରେ ନଦୀ ସଂଯୋଗୀକରଣ ଯୋଜନାକୁ ଗୁରୁତ୍ୱ ଦେଇ ଏକ ବହୁତ ବଡ଼ ପଦକ୍ଷେପ ନେଇଥିଲେ । ବର୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗଙ୍ଗା ସଫେଇ ଅଭିଯାନ ଏକ ଦୃଷ୍ଟାନ୍ତମୂଳକ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ । ନଦୀଜଳ ମନୁଷ୍ୟର ପାନୀୟର ମୁଖ୍ୟ ଅବଲମ୍ବନ ହେବା ସହ କୃଷି କାର୍ଯ୍ୟ, ବିଭିନ୍ନ ବ୍ୟବସାୟ, ଗୃହପାଳିତ ପଶୁପକ୍ଷୀଙ୍କ ମୁଖ୍ୟ ଆଧାର ଏହିପରି ବିଭିନ୍ନ ଭାବରେ ଆମମାନଙ୍କୁ ସେବା ପ୍ରଦାନ କରେ । କିନ୍ତୁ ଦୁଃଖର ପ୍ରସଙ୍ଗ ହେଉଛି ଯେଉଁ ନଦୀ ଆମମାନଙ୍କୁ ପିଇବା ପାଣି ଦେଉଛି ଆମ୍ଭମାନଙ୍କୁ ଚାଷର କ୍ଷେତକୁ ସୁଜଳା ସୁଫଳା କରୁଛି, ଆମେ ସେହି ନଦୀଜଳକୁ ପ୍ରଦୂଷିତ କରିବାରେ ପଛାଉ ନାହିଁ । କେବଳ ସହରାଂଚଳ ନୁହେଁ, ଭାରତର ଗ୍ରାମ୍ୟ ଜନଜୀବନ ମଧ୍ୟ ଏହି ନଦୀର ଅବବାହିକାର ସ୍ମୃତିକୁ ନେଇ ଗଢ଼ି ଉଠିଛି । ସମ୍ପ୍ରତି ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶମାନେ ନିଜ ନିଜ ଦେଶର ନଦୀର ସୁରକ୍ଷା ପାଇଁ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । କେବଳ ସେତିକି ନୁହେଁ, ସଡ଼କର ବିକାଶ ହୋଇ ନ ଥିବା ସମୟରେ ଆନ୍ତଃ ନଦୀ ପରିବହନ ବ୍ୟବସ୍ଥା ଥିଲା ମୁଖ୍ୟ ଯୋଗାଯୋଗର ମାଧ୍ୟମ । ଶାସ୍ତ୍ରରେ ନଦୀମାନଙ୍କୁ ଦିବ୍ୟଜନନୀ ଭାବରେ ପୂଜା କରାଯାଇ ସେମାନଙ୍କ ପ୍ରତି ସମ୍ମାନ ଜଣାଯାଇଛି । ଆଜିପର୍ଯ୍ୟନ୍ତ ଆହ୍ଲାବାଦର ବିଭିନ୍ନ ଘାଟରେ ଗଙ୍ଗା ଆରତି ଯେଉଁମାନେ ଦେଖିଥିବେ ବା ହରିଦ୍ୱାରରେ ଗଙ୍ଗା ପୂଜନ ମହାଆଳତି ଦର୍ଶନର ଯେଉଁମାନେ ସୁଯୋଗ ପାଇଥିବେ ସେମାନେ ଜାଣିଥିବେ ଯେ ନଦୀକୁ ଆମ ପୂର୍ବଜମାନେ କେତେ ସମ୍ମାନର ସ୍ଥାନ ଦେଉଥିଲେ । ନଦୀର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୧୪ ତାରିଖ ଆନ୍ତର୍ଜାତିକ ନଦୀ ସୁରକ୍ଷା ଦିବସ ବା 'ଇଂଟରନ୍ୟାସନାଲ ଡେ ଅଫ୍ ଆକ୍ସନ୍ ଫର ରିଭର୍ର୍ସ' ଭାବେ ପାଳିତ ହୋଇଥାଏ । ଏହି ଅବସରରେ ବିଭିନ୍ନ ରାଷ୍ଟ୍ରରେ ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥାଏ ।

# ମୁଁ ବଡ଼ ହେଲେ ଆଦିବାସୀ ହେବି

**ଡ. ଅନ୍ତର୍ଜିତା ନାୟକ**

ଶ୍ରେଣୀଗୃହରେ ଗୁରୁଜୀ ପିଲାମାନଙ୍କୁ ବଡ଼ଲୋକଙ୍କ ଜୀବନୀ ପଢ଼ାଉଥାନ୍ତି । କେତେ ବଡ଼ଲୋକଙ୍କ ଜୀବନର ଉଦାହରଣ ଦେଇ ଗୁରୁଜୀ ପିଲାମାନଙ୍କୁ ଭବିଷ୍ୟତରେ ଏକ ଉତମ ମଣିଷ ହେବା କଥା କହୁଥାନ୍ତି । ଜୀବନରେ କିଛି ଲକ୍ଷ୍ୟ ରଖି ତାକୁ ପୂରଣ କରିଲେ ଜୀବନରେ ବଡ଼ ହୋଇପାରିବ କହି ଗୁରୁଜୀ ପିଲାଙ୍କୁ ପଚାରିଲେ– ପିଲାମାନେ କହିଲ ତୁମେ ସବୁ ବଡ଼ ହେଲେ କ'ଣ ହେବ ବୋଲି ଭାବିଛ ? ଗୁରୁଜୀଙ୍କ ପ୍ରଶ୍ନରେ ଅନେକ ପିଲା ଅନେକ କଥା କହିଲେ । କିଏ କହିଲା ଡାକ୍ତର ହେବ, କିଏ ଓକିଲ, କିଏ ଆଇଏଏସ୍ ? ଅଫିସର ହେବ ଓ ଏହିଭଳି ଅନେକ । କିନ୍ତୁ ଗୋଟେ ଝିଅଟିଏ ଠିଆ ହୋଇ କହିଲା– ଗୁରୁଜୀ ମୁଁ ବଡ଼ ହେଲେ ଆଦିବାସୀ ହେବି । ଝିଅଟିର ଉତରରେ ସାରା ଶ୍ରେଣୀ ହସିଲା । କିନ୍ତୁ ଗୁରୁଜୀ ଅତି ଉତ୍କଣ୍ଠିତ ହୋଇ ପଚାରିଲେ– ମା'ରେ ଏମିତି କାହିଁକି ? ଚତୁର୍ଥ ଶ୍ରେଣୀରେ ପଢୁଥିବା କୁନି ଝିଅ ତାର ଉତର ରଖିଲା– ଗୁରୁଜୀ, ମୋତେ ଶ୍ୱାସରୋଗ ଅଛି । ଡାକ୍ତର କହୁଛନ୍ତି ଧୂଳି, ମଳି, ପ୍ରଦୂଷଣ ମୋ ଜୀବନ ଲାଗି ବିପଦ ଓ ଯେତେ ପାରିବ ସ୍ୱଚ୍ଛ ଓ ନିର୍ମଳ ପରିବେଶରେ ରହିବ । ସବୁଜ ବାତାବରଣ ମୋ ଲାଗି ଭଲ । ହେଲେ ସହରରେ ଏମିତି କ'ଣ ସମ୍ଭବ ? ଜେଜେମା' କୁହନ୍ତି– ଆଦିବାସୀମାନେ କାଳେ ପ୍ରକୃତି ମା'ର ନିଜ ସନ୍ତାନ । ମୁଁ ବଡ଼ ହୋଇ ଆଦିବାସୀ ହୋଇଗଲେ ଜଙ୍ଗଲ ଓ ପ୍ରକୃତିର କୋଳରେ ରହିବି ଓ ମୋତେ ଆଉ ଶ୍ୱାସରୋଗ ଆକ୍ରମଣ କରିବ ନାହିଁ । ଆମ ସହର ପ୍ରକୃତି ମା'ଠାରୁ ବହୁତ ଦୂରରେ । ଯୁଆଡ଼େ ଦେଖିବ ଖାଲି ଘର ଓ ଗାଡ଼ି । ଆମେ ଖେଳିବାକୁ ବି ଟିକେ ଜାଗା ପାଉନାହୁଁ । ସେଥିଲାଗି ମୁଁ ଆଦିବାସୀ ହେବାକୁ ଚାହୁଁଛି, ନିର୍ମଳ ବାତାବରଣରେ ରହିବାକୁ ଚାହୁଁଛି ଓ ସୁସ୍ଥ ରହିବାକୁ ଚାହୁଁଛି । ମୁଁ ବଡ଼ ହୋଇ ଆଦିବାସୀ ହୋଇଗଲେ ମୋ ମୋଟା ଭାଇକୁ ବି ଆଦିବାସୀ କରି ମୋ ସାଙ୍ଗରେ ସବୁଜ ପ୍ରକୃତି କୋଳକୁ ନେଇଯିବି । କାରଣ ତାର ମେଦବହୁଳତା ଅଛି ଓ ଡାକ୍ତର କୁହନ୍ତି ଯେ, ଅଧିକ ସବୁଜ ଅଞ୍ଚଳରେ ରହୁଥିବା ପିଲାମାନଙ୍କର ମେଦବୃଦ୍ଧି ସମସ୍ୟାର ସମ୍ଭାବନା ମଧ୍ୟ କମ୍ ।

ଆମ ଘରେ ମୋ ମା' କହିବ ଯୀଶୁ ଖ୍ରୀଷ୍ଟଙ୍କୁ ପୂଜା କର । ମୋ ଜେଜେମା' କହିବେ ଶିବ, କୃଷ୍ଣ ଓ ଗଣେଶଙ୍କୁ ପୂଜା କର । ଗୁରୁଜୀ ଆପଣ ତ କୁହନ୍ତି ସବୁ ଠାକୁର ସମାନ । ହେଲେ ଆମ ଘରେ ତାହା ହୁଏନାହିଁ । ମୁଁ ପୂରା ଦ୍ୱନ୍ଦ୍ୱରେ ଯେ ଯଦି ସବୁ ଠାକୁର ସମାନ, ତେବେ ସେମାନେ କାହିଁକି ଅଲଗା ଅଲଗା ଦେଖାଯାଉଛନ୍ତି ? ସେଥିପାଇଁ ମୁଁ ବଡ଼ ହେଲେ ଆଦିବାସୀ ହୋଇଯିବି ଆଉ ଏଇ ଦ୍ୱନ୍ଦ୍ୱରୁ ବାହାରିଯିବି । ମୁଁ ଦେଖିଛି ଯେ ଆଦିବାସୀମାନେ ଭଗବାନଙ୍କ ମୂର୍ତ୍ତି ପୂଜା କରନ୍ତି ନାହିଁ । ସେମାନେ ଗଛ, ଜଙ୍ଗଲ, ଝରଣା ଓ ପ୍ରକୃତିକୁ ନିଜର ଦିଅଁ ଭାବନ୍ତି ଓ ତାକୁ ହିଁ ପୂଜା କରନ୍ତି । ମୁଁ ବି ସେମାନଙ୍କ ଭଳି କରମା ଓ ତୁସି ପର୍ବ ପାଳିବି, ଯେଉଁଥିରେ ପ୍ରକୃତି ହିଁ ସେମାନଙ୍କର ପ୍ରକୃତ ଭଗବାନ । ଆଦିବାସୀମାନଙ୍କର ଚିନ୍ତାଧାରା କେତେ ଅଭିନବ ଓ ଉନ୍ନତ ନା ଗୁରୁଜୀ ? ସେମାନଙ୍କ ଭକ୍ତିରେ ଭେଦଭାବ କି ପ୍ରହସନ ନାହିଁ । ଆଜି ଯେତେବେଳେ ବର୍ଷାଦିନରେ ବର୍ଷା ହେଉନାହିଁ, ସମୁଦ୍ରର ଜଳସ୍ତର ବଢ଼ି କୂଳ ଲଙ୍ଘିଲାଣି, ଚାରିଆଡ଼େ ଜଳବାୟୁ ପରିବର୍ତନ କଥା ଚାଲିଛି, ମୁଁ ଆଦିବାସୀ ହୋଇ ସେମାନଙ୍କ ଭଳି ଆମ ଜଙ୍ଗଲ, ପ୍ରକୃତି ଓ ପରିବେଶକୁ ପୂଜା କରିବି ଓ ତାକୁ ରକ୍ଷା ମଧ୍ୟ କରିବି ।

ଗୁରୁଜୀ ! ବାପା କହୁଥିଲେ ସ୍ଥାୟୀ ଉନ୍ନତି ଓ ବିକାଶ ଲାଗି ୧୭ଟି ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି, ଯାହା ୨୦୩୦ ମସିହା ସୁଦ୍ଧା ସାଧନ ହେବ । ସେଇ ଲକ୍ଷ୍ୟ ଭିତରେ ଲକ୍ଷ୍ୟ ୧୨ ହେଲା "ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଓ ବ୍ୟବହାର' । ତାହା ହେଲା– କମ୍ ?ରୁ କେମିତି ବେଶୀ ଓ ଭଲ କରାଯାଇପାରିବ । ହେଲେ ଆମର ଉତ୍ପାଦନ ବା ବ୍ୟବହାର ଶୈଳୀ, ଆମ ପୃଥିବୀକୁ ତ ଧ୍ୱଂସ ଆଡ଼ିକି ଟାଣୁଛି । ସେଇ ତୁଳନାରେ ଆଦିବାସୀମାନେ କେତେ ଭଲ । ପ୍ରକୃତିଠାରୁ ଯାହା ଯେତିକି ଆବଶ୍ୟକ ସେମାନେ ସେତିକି ହିଁ ନିଅନ୍ତି, ତା'ଠାରୁ ଅଧିକ ନେଇ ପ୍ରକୃତିର କ୍ଷୟକ୍ଷତି କରନ୍ତି ନାହିଁ । ପ୍ରକୃତିରେ ଅତି ନିଜ ଲୋକ ହୋଇ ସୁଦ୍ଧା ସେମାନେ ଅନ୍ୟମାନଙ୍କ ଭାଗକୁ ମାରି ଖାଇ, ନିଜ ଲାଗି ପ୍ରାକୃତିକ ସମ୍ପଦକୁ ଠୁଳ କରି ରଖନ୍ତି ନାହିଁ, କି ତାକୁ ନେଇ ବେପାର ମଧ୍ୟ କରନ୍ତି ନାହିଁ । ସେମାନେ ଅଳ୍ପରେ ଚଳିବା ଶିଖିଛନ୍ତି, ଯାହାଫଳରେ ମୁଦ୍ରାସ୍ଫୀତି ବୃଦ୍ଧିରେ ସେମାନେ ଭାଗିଦାର ହୁଅନ୍ତି ନାହିଁ । ମୁଁ ବି ଆଦିବାସୀ ହୋଇଗଲେ ତାଙ୍କଭଳି ଶାଗ ପଖାଳ ଖାଇ ଅଳ୍ପରେ ଚଳିବା ଶିଖିଯିବି । ଯେତିକି ଖାଦ୍ୟ ଆବଶ୍ୟକ ସେତିକି ଖାଇବି ଓ ଖାଦ୍ୟ ନଷ୍ଟ କରିବି ନାହିଁ କି ଆଉ କେଉଁ ଅଭାବୀର ଭାଗ ମାରିବି ନାହିଁ । ପରିମାଣରୁ ଅଧିକ ଧନ ହୋଇଗଲେ ସ୍ଥାୟୀ ବିକାଶ ବିନାଶରେ ପାଲଟିଯିବ, ଯାହା ଆଦିବାସୀମାନେ ଭଲରେ ବୁଝନ୍ତି । ମୁଁ ବଡ଼ ହୋଇ ଆଦିବାସୀ ହୋଇଗଲେ ତାଙ୍କଭଳି ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଉତ୍ପାଦନ କରିବି ଓ ପ୍ରାକୃତିକ ଅବକ୍ଷୟକୁ ରୋକିବି ।

ଗୁରୁଜୀ ! ଜାଣିଛନ୍ତି ଏଇବର୍ଷ ମୋ ବଡ଼ବାପାଙ୍କ ପୁଅ ଡାକ୍ତର ହୋଇଗଲା । ଭାଇ ଯେତେବେଳେ ଡାକ୍ତରୀ ପାଠ ପଢ଼ିବାକୁ ଚୟନ ହୋଇଥିଲା, ସେତେବେଳେ ଘରେ ସମସ୍ତେ ବହୁତ ଖୁସି ଥିଲେ । ହେଲେ ଆଜି ଯେତେବେଳେ ଭାଇ ଡାକ୍ତରଟେ ହେଇ ଚାକିରି ପାଇଛି, ଘରେ ସମସ୍ତେ ଦୁଃଖରେ ଅଛନ୍ତି । ଭାଇ ମନ ବି ଭାରି ଦୁଃଖ, କାରଣ ତାର ଗୋଟେ ଆଦିବାସୀ ଗାଁରେ ପୋଷ୍ଟିଙ୍ଗ ହେଇଛି ଓ ସେ ସେଠାକୁ ଯିବାକୁ ଚାହୁଁନି । ଗୁରୁଜୀ ! ଯଦି ଆଦିବାସୀ ପିଲାଙ୍କୁ ପାଠ ପଢ଼େଇବାକୁ ଶିକ୍ଷକ ଯିବେନି, ରୋଗବ୍ୟାଧି କଥା ବୁଝିବାକୁ ଡାକ୍ତର ଯିବେନି, ସେମାନେ ସରଳ ଓ ତାଙ୍କର କିଛି ଦାବି ନାହିଁ ବୋଲି ନେତା, ମନ୍ତ୍ରୀ ଓ ସରକାର ଯିବେନି । ତେବେ ସେମାନେ କ'ଣ କରିବେ ? ସେଥିଲାଗି ମୁଁ ପାଠ ପଢି ବଡ଼ ହୋଇଗଲେ ଆଦିବାସୀ ହେଇଯିବି ଓ ଆଦିବାସୀମାନଙ୍କ ସାଙ୍ଗରେ ରହିବି ଓ ତାଙ୍କୁ ପାଠ ପଢ଼େଇବି । ମା' କୁହେ କି, ଶିକ୍ଷାର ଆଲୁଅ ସବୁ ଅନ୍ଧକାରକୁ ଦୂରୀଭୂତ କରିଦିଏ । ଆମ ଭଳି ସାଧାରଣ ଓ ଅଣଆଦିବାସୀ ଲୋକମାନଙ୍କ ପକ୍ଷରେ ଆଦିବାସୀମାନଙ୍କ କଥା ବୁଝିବା ଓ ସେମାନଙ୍କ ଲାଗି କାମ କରିବା ବୋଧେ ବହୁତ କଷ୍ଟ । ସେଥିଲାଗି ମୁଁ ଆଦିବାସୀ ହେଇଯିବି ଓ ତାଙ୍କ କଥା ବୁଝିବି । ଯିଏ ବିନା କିଛି ଆଶାରେ ଆମର ଓ ଆମ ପ୍ରକୃତି କଥା ବୁଝୁଛନ୍ତି, ତାଙ୍କ କଥା କିଏ ତ ବୁଝିବା ଦରକାର !

ମୁଁ ମା'କୁ, ବାପାଙ୍କୁ କହୁଥିବାର ଶୁଣିଛି– ଝିଅ ବାହାଘର ଲାଗି ଏବେଠାରୁ ପଇସା ରଖିବାକୁ ହେବ । ଯୁଗ ଯେତେ ବଦଳିଗଲେ ବା ସମୟ ଯେତେ ପରିବର୍ତନ ହୋଇଗଲେ ମଧ୍ୟ ଯୌତୁକ ତ ଯେମିତି ହେଲେ ଦେବାକୁ ହେବ । ଆଉ କ'ଣ ଖାଲିହାତରେ ଝିଅକୁ ଶାଶୂଘର ବିଦା କରିଦେବି କି ? ସେଠି ଯାଇ ମୋ ଛୁଆଟା ଯେମିତି ଖୁଂଟଣା ନଖାଉ ! ଝିଅମାନେ କେତେ ଜଲଦି ବଢ଼ିଯିବେ ଜଣାପଡ଼ିବ ନାହିଁ । ତୁମେ ଏବେଠାରୁ ପଇସା ସଂଚୟ କର । ହେଲେ ଗୁରୁଜୀ, ମୁଁ ତ ଏବେ ବହୁତ ଛୋଟ ଅଛି । ମୋତେ ପାଠ ପଢ଼ିବାର ଅଛି, କିଛି କରିବାର ଅଛି । ହେଲେ ସେଇ ମା'କୁ କିଏ ବୁଝେଇବ । ସିଏ ଯାହା ଦେଖିଛି, ଜାଣିଛି ବା ଏବେ ଯାହା ଚାଲିଛି, ସିଏ ସେଇଥିରୁ ଅନୁମାନ କରି ଭବିଷ୍ୟତ କଥା କହୁଛି । ବାପାଙ୍କର କଷ୍ଟ ଅର୍ଜିତ ଧନ ଯୌତୁକ ଆକାରରେ ମୁଁ ନେବିନି । ସେଥିଲାଗି ମୁଁ ବଡ଼ ହେଲେ ଆଦିବାସୀ ହେଇଯିବି । ଆଦିବାସୀମାନଙ୍କର ଏଇ ଯୌତୁକ ପ୍ରଥା ନାହିଁ । ସେମାନେ ଝିଅ ଜନ୍ମକୁ ବୋଝ ଭାବନ୍ତି ନାହିଁ । ବାହାଘର ହେଲେ ଝିଅଘର ଯୌତୁକ ଦିଅନ୍ତି ନାହିଁ, ବରଂ ପୁଅଘର ନିଜ ଘରକୁ ଏକ ସୁଖ ଓ ସମୃଦ୍ଧିର ପ୍ରତୀକ ନିଅନ୍ତି ବୋଲି ଝିଅର ପିତାଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବାକୁ ନିଜ ସାମର୍ଥ୍ୟ ଅନୁସାରେ ତାଙ୍କୁ କିଛି ଉପହାର ଦିଅନ୍ତି । ବିନା ଝିଅରେ ଘର ଅସମ୍ପୂର୍ଣ୍ଣ ଓ ପରିବାରରେ ନାରୀର ଜାଗା ଓ ଗୁରୁତ୍ୱ କ'ଣ ଆଦିବାସୀମାନେ ଆମଠାରୁ ବେଶୀ ଭଲଭାବରେ ବୁଝିଛନ୍ତି । ମୁଁ ଆଦିବାସୀ ହେଇଗଲେ ଏଇ ଲିଙ୍ଗଗତ ଅସମାନତା ଆଉ ଦେଖିବି ନାହିଁ ।

ବାପାଙ୍କ ଅଫିସ୍‌ରେ କାମ କରୁଥିବା ଜଣେ ଆଦିବାସୀ କର୍ମଚାରୀଙ୍କ ଦେହ ଭଲ ନଥିବାରୁ ବାପା ତାଙ୍କୁ ଦେଖା କରିବାକୁ ତାଙ୍କ ଗାଁକୁ ମୋତେ ସାଙ୍ଗରେ ନେଇ ଯାଇଥିଲେ । ବାପା ଆଉ ମୁଁ ଯାଇ ତାଙ୍କ ଘରେ ପହଂଚୁ ପହଂଚୁ ତାଙ୍କ ବଡ଼ଝିଅ ଗୋଟେ ପିତଳ ଗରାରେ ପାଣି ଆଣି ଆମ ଗୋଡ଼ ଓ ହାତ ଧୋଇଦେଲେ, ଗାମୁଛାରେ ପୋଛିଦେଲେ ଓ ଗୋଟେ ଆସନଟେ ପାରିଦେଇ ଆମକୁ ବସିବାକୁ ଅନୁରୋଧ କରିଲେ । କିଛି ସମୟ କଥାବାର୍ତା କରିଲା ପରେ ଆମେ ଯେମିତି ସେଠାରୁ ଆସିବାକୁ ବାହାରିଲୁ, ଆମକୁ ଖାଇବାକୁ ଅଟକାଇ ଭାତ, ଡାଲି, ଆଳୁପୋଡ଼ା ଓ ସଜନା ଶାଗଭଜା ପରଷି ଦେଇ ମୋତେ ଖୁଆଇଦେଲେ । ତାଙ୍କ ଅନୁରୋଧ ଓ ଆନୁଗତ୍ୟକୁ ବାପା ମଧ୍ୟ ମନା କରିପାରିଲେ ନାହିଁ । ଆଜି କିନ୍ତୁ ଯେତେବେଳେ ଆମ ଘରକୁ କୁଣିଆ ଆସୁଛନ୍ତି, ଆମେ ପ୍ରଥମ କଥା ଭାବୁଛନ୍ତି ଯେ ସେମାନେ କେତେବେଳେ ଯିବେ । ମୁଁ ଆଦିବାସୀ ହେଇଗଲେ ବୋଧେ ସେଇ ଆତିଥ୍ୟତା ଓ ସାମାଜିକ ଭାବ ମୋ ଭିତରେ ମଧ୍ୟ ଅଧିକ ଆସିପାରିବ । ଏକତା ଏବଂ ଅଂଶୀଦାର ମୂଲ୍ୟବୋଧରେ ମଧ୍ୟ ଅନୁପ୍ରାଣିତ ହେଇପାରିବି । ମୁଁ ଆଦିବାସୀ ହେଇଗଲେ ସଙ୍କୋଚଟତା, ପରିଶ୍ରମୀ, ସୃଜନଶୀଳତା ଓ ସରଳ ଜିନିଷଗୁଡ଼ିକରେ ଆନନ୍ଦ ଏବଂ ପରିପୂର୍ଣ୍ଣତାର ଭାବକୁ ଅଧିକ ହୃଦୟଙ୍ଗମ କରିପାରିବି ।

କୁନି ଝିଅଟିର କଥା ଶୁଣି ଗୁରୁଜୀ ଆଶ୍ଚର୍ଯ୍ୟ ହୋଇଗଲେ । ଏତେ ଛୋଟ ପିଲା ଓ ଏତେ ବଡ଼ ଚିନ୍ତାଧାରା ! ସତରେ, ଆମେ ଆଦିବାସୀମାନଙ୍କୁ ପଛୁଆବର୍ଗ ବୋଲି କହୁଛେ, ହେଲେ ସେମାନେ ଆମଠାରୁ ଖୁବ୍ ଉର୍ଦ୍ଧ୍ୱରେ । ଶିଳ୍ପାୟନ, ଜଗତୀକରଣ ଏବଂ ଆଧୁନିକୀକରଣ ପରି ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶ ପାଇଁ "ଆଦିବାସୀକରଣ'ର ଆବଶ୍ୟକତା ରହିଛି । ସାମାଜିକ ଦୃଷ୍ଟିକୋଣରୁ ଆଦିବାସୀକରଣର ଆବଶ୍ୟକତା ମଧ୍ୟ ରହିଛି । କାରଣ, ଯଦିଓ ମଣିଷ ଏକ ସାମାଜିକ ପ୍ରାଣୀ, କିନ୍ତୁ "ମୁଁ, ମୋର, ମୋତେ' ପ୍ରତି ଆକର୍ଷିତ ହୋଇ ମଣିଷ ଏକ ଅସାମାଜିକ ପ୍ରଣାଳୀ ଆଡ଼କୁ ମାଡ଼ିଚାଲିଛି । ଆଦିବାସୀ ମୂଲ୍ୟବୋଧ ଏବଂ ଦର୍ଶନର ଅନୁପସ୍ଥିତି, ଆଧୁନିକ ଜୀବନଶୈଳୀ ପୂରଣ କରିପାରିବ ନାହିଁ । ଆଦିବାସୀକରଣ ଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଭାଷାସମୂହ ଯେପରି– "ଆମ, ଆମେ, ଆମର, ଅଂଶୀଦାର, ଆନୁଗତ୍ୟ, ଗ୍ରହଣକାରୀ ମନୋଭାବ, ଧୈର୍ଯ୍ୟ, ସହନଶୀଳତା" ଭଳି ଉତମ ପ୍ରକ୍ରିୟା ବା ପ୍ରଣାଳୀ ଆମ ଜୀବନରେ ମଧ୍ୟ ପ୍ରତିଫଳିତ ହୋଇପାରିବ, ଯାହାଦ୍ୱାରା ପରସ୍ପର ସହିତ ଓ ମାନବିକତା ସହିତ ସଂଯୋଗ ରହିପାରିବ । ତେବେ କାହିଁକି ଆମେ ଆଦିବାସୀମାନଙ୍କୁ ପଛୁଆ, ଅଶିକ୍ଷିତ, ମୂର୍ଖ ଓ ଅସ୍ପୃଶ୍ୟ ଭାବୁଛୁ କୁନି ଝିଅଟିର କଥା ଶୁଣି ଗୁରୁଜୀ ଝିଅଟିର ଇଚ୍ଛା ପଛର ପ୍ରକୃତ ମର୍ମ ତ ବୁଝିପାରିଲେ, ଆଉ ଆପଣ ?

ଆଦିବାସୀ ମୂଲ୍ୟବୋଧ ଏବଂ ଦର୍ଶନର ଅନୁପସ୍ଥିତି, ଆଧୁନିକ ଜୀବନଶୈଳୀ ପୂରଣ କରିପାରିବ ନାହିଁ । ଆଦିବାସୀକରଣ ଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଭାଷାସମୂହ ଯେପରି– "ଆମ, ଆମେ, ଆମର, ଅଂଶୀଦାର, ଆନୁଗତ୍ୟ, ଗ୍ରହଣକାରୀ ମନୋଭାବ, ଧୈର୍ଯ୍ୟ, ସହନଶୀଳତା" ଭଳି ଉତମ ପ୍ରକ୍ରିୟା ବା ପ୍ରଣାଳୀ ଆମ ଜୀବନରେ ମଧ୍ୟ ପ୍ରତିଫଳିତ ହୋଇପାରିବ, ଯାହାଦ୍ୱାରା ପରସ୍ପର ସହିତ ଓ ମାନବିକତା ସହିତ ସଂଯୋଗ ରହିପାରିବ ।

# ଯୁଦ୍ଧ ନୁହେଁ ବୁଦ୍ଧଙ୍କ ବାର୍ତ୍ତା

ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମ ସଫଳତାର ସହ ଓଡିଶାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାରେ ଏହାର ଆୟୋଜନ ଏବଂ ଭବିଷ୍ୟତକୁ କେନ୍ଦ୍ରକରି ଗଣମାଧ୍ୟମରେ ବିତର୍କ ମଧ୍ୟ ହେଲାଣି । ଏହି ସମ୍ମିଳନୀ ରାଜ୍ୟକୁ କେତେ ପୁଞ୍ଜି ଆଣିବ ତାକୁ ନେଇ ତର୍କ ହେଲାଣି । ଏତେ ଟଙ୍କା କାହିଁକି ସରକାର ଖର୍ଚ୍ଚ କଲେ ତାହା ମଧ୍ୟ ପ୍ରଶ୍ନକୁ ଆସିଲାଣି । ବିଶ୍ୱର ଭାରତବାସୀଙ୍କୁ ଭାରତ ପ୍ରତି ଆକର୍ଷିତ କରାଇବା ହେଉଛି ଯେ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ, ଏହାକୁ ବୋଧହୁଏ ଅନେକ ଭୁଲିଯାଉଛନ୍ତି । ଟଙ୍କା-ପଇସାରେ ସବୁକିଛିର ଲାଭକ୍ଷତି ବିଚାର କରୁଥିବା ବର୍ତ୍ତମାନର ପଣ୍ଡିତମାନେ ଓଡିଶାର ଖଣି-ଖାଦାନ ଲୁଟକରି ଖାଇବାରେ ଆନନ୍ଦିତ ହେଲେ ଅଥଚ ମାଟିରେ ଥିବା ସଂପତ୍ତିର ସୁରକ୍ଷା ବେଳକୁ ଚୁପ୍ । ବୋଧହୁଏ ସେହି ମୂକପ୍ରାୟ ସ୍ଥିତିକୁ ଭାଙ୍ଗିବାକୁ ପ୍ରଧାନମନ୍ତ୍ରୀ ଉଦ୍ୟମ କରିଛନ୍ତି । ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଆଗାମୀ ଦିନରେ ଯୁଦ୍ଧର ବାର୍ତ୍ତା ନୁହେଁ,ବୁଦ୍ଧଙ୍କ ବାର୍ତ୍ତାକୁ ଗୁରୁତ୍ୱ ପ୍ରଦାନ କରାଯିବ । ସେଥିପାଇଁ 'ଯୁଦ୍ଧ ଓ ବୁଦ୍ଧ'ର ଭୂମି ଓଡିଶାକୁ ସେ ଏହି ବାର୍ତ୍ତା ଦେବାକୁ ଇଚ୍ଛାକଲେ । ଅତୀତରେ କଳିଙ୍ଗ ଯୁଦ୍ଧର ଭୟାବହତା ଓ ରକ୍ତପାତର ମୂକସାକ୍ଷୀ ଦୟାନଦୀ ଓ ଧଉଳିପାହାଡ ଏବେବି ରହିଛି । କିନ୍ତୁ ସେହି ଯୁଦ୍ଧର ଭୂମିରେ ବଜ୍ରଯାନୀ ବୌଦ୍ଧ ଚେତନାକୁ ପ୍ରତିଷ୍ଠା ଦେଇଥିବା ଗୁରୁ ପଦ୍ମସମ୍ଭବ, ଶାନ୍ତିରକ୍ଷିତ, ଲକ୍ଷ୍ମୀଙ୍କରା, ତପସୁ, ଭଲ୍ଲିକଙ୍କ ପରି ମହାମାନବଙ୍କ ସଂପର୍କରେ ଆମେ କମ୍ ଆଲୋଚନା କରୁ । ଓଡିଶା ଅତୀତରେ ବୌଦ୍ଧ ଧର୍ମର କେନ୍ଦ୍ରଥିଲା ବୋଲି କମ୍ ଲୋକେ ଆଲୋଚନା କରିଥାନ୍ତି । ଅଥଚ ପ୍ରଧାନମନ୍ତ୍ରୀ ସେହି ଆଲୋଚନାକୁ ଆଗକୁ ନେବାପାଇଁ ଓଡିଶାରୁ ବୁଦ୍ଧଙ୍କ ବାର୍ତ୍ତା ପ୍ରଦାନ କରିବାକୁ ଚାହିଁଛନ୍ତି ।

ଠିକ୍ ଏହି ପରିପ୍ରେକ୍ଷୀରେ ଆମେରିକାବାସୀ ୱାଙ୍ଗମୋଙ୍କ ଉଦ୍ୟମରେ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ ଏବଂ ଓଡିଶା ସରକାରଙ୍କ ମିଳିତ ପ୍ରୟାସ କ୍ରମେ ଯାଜପୁର ଜିଲ୍ଲାର ଅତୀତର ପୁଷ୍ପଗିରି ବିହାର ଭାବେ ପରିଚିତ ଅ[illegible]ଳରେ ଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ସମର୍ପିତ ପ୍ରଥମ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଜାନୁଆରୀ ୧୨ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ସମ୍ମିଳନୀରେ ଅନେକ ବୁଦ୍ଧପ୍ରିୟ ରାଷ୍ଟ୍ରରୁ ସନ୍ନ୍ୟାସୀମାନେ ଯୋଗଦେଇ ଧର୍ମଗ୍ରନ୍ଥପାଠପୂର୍ବକ ମନ୍ତ୍ର ଉଚ୍ଚାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସ୍ଥାନୀୟ ଜନସାଧାରଣ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବାକୁ ହେବ । ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ ଏହି କାର୍ଯ୍ୟକ୍ରମକୁ ଓଡିଶାରେ ଆୟୋଜନ କରୁଥିଲେ ହେଁ ଏହା ପୂର୍ବରୁ ଅନେକ ରାଷ୍ଟ୍ରରେ କରିଆସିଛନ୍ତି । ଏପରିକି ବୋଧଗୟାଠାରେ ୧୯ ବର୍ଷଧରି ଆୟୋଜନ କରିଆସୁଛନ୍ତି । ଗତବର୍ଷ ଡିସେମ୍ବର ୨ରୁ ୧୩ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ବୋଧଗୟାଠାରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ପ୍ରାୟ ୧୫ରୁ ଅଧିକ ରାଷ୍ଟ୍ରରୁ ବୌଦ୍ଧ ସନ୍ନ୍ୟାସୀଗଣ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ଉଦ୍‌ଘାଟନ ମହୋତ୍ସବ ଅବସରରେ ବହୁରାଷ୍ଟ୍ରୀୟ ମିଳିତ ଶୋଭାଯାତ୍ରାଥିଲା ବଡ ଚମତ୍କାର । ଦେଶ ଓ ବିଦେଶରୁ ଆଗତ ପ୍ରତିନିଧିଗଣ ରାଷ୍ଟ୍ରାନୁଯାୟୀ ୱାଟଥାଇ ମୋନାଷ୍ଟେରୀରୁ ବାହାରି ସହର ପରିକ୍ରମା ପୂର୍ବକ ବୋଧଗୟା ଗ୍ରାଉଣ୍ଡଠାରେ ପହ[illegible]ବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କୋଳାହଳଶୂନ୍ୟ ଉକ୍ତ ଧାର୍ମିକ ଶୋଭାଯାତ୍ରାରେ ଓଡିଶା ଏବଂ ଭାରତର ଅନେକ ପ୍ରଦେଶର ଲୋକ ମଧ୍ୟ ସାମିଲ ହୋଇଥିଲେ । ୧୦ହଜାରରୁ ଅଧିକ ପ୍ରତିନିଧିଙ୍କ ପାଇଁ ନିର୍ମିତ ଗୋଟିଏ ତମ୍ବୁତଳେ ସାମୂହିକ କାର୍ଯ୍ୟକ୍ରମ, ସଂଗୀତ, ନୃତ୍ୟ, ଭୋଜନ, ସମ୍ମାନ ଆଦି ଥିଲା ବେଶ୍ ଆକର୍ଷଣୀୟ । ଥାଇଲାଣ୍ଡର ନର୍ତ୍ତକୀଗଣ ବୁଦ୍ଧଙ୍କ ଜୀବନ ସଂପର୍କୀତ ବିଷୟକୁ ଆଧାର କରି ପ୍ରଦର୍ଶନ କରିଥିବା ନୃତ୍ୟ ସମସ୍ତଙ୍କୁ ସମ୍ମୋହିତ କରିଥିଲା । ବୋଧଗୟାର ବୃକ୍ଷତଳେ ହଜାର ହଜାର ସନ୍ନ୍ୟାସୀଙ୍କ ସାମୂହିକ ମନ୍ତ୍ରୋଚ୍ଚାରଣ (ତ୍ରିପିଟକ ପାଠ) ଦେଖିବାର କଥା, ଯାହା ପରିବେଶକୁ ବୁଦ୍ଧ-ଭାବମୟ କରି ଗଢି ତୋଳିଥିଲା ।

ଆମେରିକାବାସୀ ତିବ୍ବତୀ ମହିଳା ୱାଙ୍ଗମୋଙ୍କ ନେତୃତ୍ୱରେ ଚାଲିଆସୁଥିବା ଲାଇଟ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ ୨୦୦୨ରୁ କାର୍ଯ୍ୟାରମ୍ଭ କରି ୨୦୦୬ରୁ ସକ୍ରିୟତାର ସହ ୭୦ଟି ପ୍ରାର୍ଥନା କାର୍ଯ୍ୟକ୍ରମ ଇତି ମଧ୍ୟରେ ଅୟୋଜିତ କରିପାରିଛି । ଆନ୍ତର୍ଜାତିକ ତ୍ରିପିଟକ ପାଠ କାର୍ଯ୍ୟକ୍ରମ ଅତୀତରେ ବିହାର, ରାଜଗିର, ନାଳନ୍ଦା, ବୈଶାଳୀ, କେଶରିଆ, ଉ[illegible]ର ପ୍ରଦେଶର ସାରନାଥ, କୁଶୀନଗର, ଶ୍ରାବସ୍ତୀ, ଲକ୍ଷ୍ନୌ, ସଙ୍କିସା, ନୂଆଦିଲ୍ଲୀ, ନାଗପୁର, ଔରଙ୍ଗାବାଦ, ନେପାଳର ଲୁମ୍ବିନୀ ସମେତ ଶ୍ରୀଲଙ୍କାର କାଣ୍ଡିଠାରେ ମଧ୍ୟ ଆୟୋଜିତ କରିସାରିଛି । ପ୍ରାଚୀନ ଧାର୍ମିକ ସ୍ଥଳୀଗୁଡିକରେ ଧର୍ମଘଣ୍ଟି ସବୁ ସ୍ଥାପନା କରିଛି । ବୋଧଗୟା ପରିସରରେ ସୁନ୍ଦର ଉଦ୍ୟାନ ନିର୍ମାଣ, ବୋଧଗୟା ପରିସରରେ ସ୍ୱଚ୍ଛତାରକ୍ଷା ବ୍ୟବସ୍ଥା କରିଛି । ବୌଦ୍ଧକୀର୍ତ୍ତିର ଦର୍ଶନ ନିମନ୍ତେ ନାଳନ୍ଦା ମହାବିହାର, ମହାବୋଧି ମହାବିହାରକୁ ପ୍ରସ୍ତୁତ କରିବା ଲାଗି ବିହାର, ଉତ୍ତର ପ୍ରଦେଶ ଏବଂ ବିଶ୍ୱବ୍ୟାଙ୍କର ସହାୟତା ନେଇଛି । ବାଙ୍ଗାଲୋରସ୍ଥିତ ମହାବୋଧି ସୋସାଇଟୀର ସହଯୋଗରେ ନୂତନ ପିଢିର ସନ୍ନ୍ୟାସୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛି । କେବଳ ସେତିକି ନୁହେଁ, ଭାରତରେ କାର୍ଯ୍ୟକ୍ରମ ସମୟରେ ପ୍ରାୟ ୧ଲକ୍ଷ ତ୍ରିପିଟକର ସଂସ୍କରଣ ଲୋକମାନଙ୍କୁ ବଣ୍ଟାଯାଇଛି । ଏଥିରେ ତାଇୱାନର ବୁଦ୍ଧ ଏଜୁକେସନ ଫାଉଣ୍ଡେସନ ଏବଂ କାଲିଫର୍ଣ୍ଣିଆର ଧର୍ମ ପବ୍ଲିଶିଂର ସାହାଯ୍ୟ ନିଆଯାଇଛି । ଅନୁଷ୍ଠାନ ପକ୍ଷରୁ ପ୍ରାୟ ୬ଟି ଭାଷାରେ ପାଲିର ତ୍ରିପିଟକକୁ ସାଧାରଣଲୋକଙ୍କ ପାଠପାଇଁ ୱେବସାଇଟରେ ଛଡାଯାଇଛି । ଗତ ୧୯ବର୍ଷର କାର୍ଯ୍ୟକାଳ ମଧ୍ୟରେ ଫାଉଣ୍ଡେସନ ୧୧ଦେଶର ୬୦,୦୦୦ ଅଂଶଗ୍ରହଣକାରୀଙ୍କୁ ଅନୁଷ୍ଠାନ ସହ ସାମିଲ କରିପାରିଛି । ଫାଉଣ୍ଡେସନ ପକ୍ଷରୁ ବୁଦ୍ଧଙ୍କ ବାର୍ତ୍ତା ପ୍ରଚାର, ବୌଦ୍ଧକୀର୍ତ୍ତି ଗୁଡିକର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ, ଧାର୍ମିକ ପର୍ଯ୍ୟଟନ, ଆର୍ଯ୍ୟସଂଘ ପ୍ରଶିକ୍ଷଣ ସହ ଧର୍ମପୁସ୍ତକର ମୁଦ୍ରଣ ଓ ପ୍ରକାଶନ କାର୍ଯ୍ୟ ହାତକୁ ନିଆଯାଇଛି । ସେହିକ୍ରମରେ ଏବେ ଓଡିଶାର ବୌଦ୍ଧ କୀର୍ତ୍ତିସ୍ଥଳଗୁଡିକର ସୁରକ୍ଷା, ସଚେତନତା, ଧାର୍ମିକ ପର୍ଯ୍ୟଟନ, ପୁସ୍ତକ ବଣ୍ଟନ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ରାଜ୍ୟ ସରକାର ମଧ୍ୟ ଏହି ଅଭିଯାନକୁ ଆଗକୁ ନେବାପାଇଁ ସହଯୋଗ କରୁଛନ୍ତି ।

ଏଠାରେ କହିରଖିବା ଠିକ୍ ହେବ ଯେ ଓଡିଶାର ଲଳିତଗିରି, ରତ୍ନଗିରି, ଉଦୟଗିରି,ଲାଙ୍ଗୁଡି ସମେତ ଅନେକଗୁଡିଏ ବୌଦ୍ଧ କୀର୍ତ୍ତିରାଜି ରହିଛି ଯାହାର ସଂରକ୍ଷଣ, ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ହେବା ଆବଶ୍ୟକ । ଅତୀତରେ ଓଡିଶା ବୌଦ୍ଧଧର୍ମ ଓ ଚେତନାର ଏକ କେନ୍ଦ୍ର ଥିଲାବେଳେ ଆଜି ସେ ସଂପର୍କରେ ରଚନା, ଅଧ୍ୟାପନା, ଗବେଷଣା ଆଦି ସେମିତି ଅଧିକ ନାହିଁ । କିନ୍ତୁ ଇତି ମଧ୍ୟରେ ଜାନୁଆରୀ ପ୍ରଥମ ସପ୍ତାହରେ କେନ୍ଦ୍ର ସରକାରଙ୍କ ନୂତନ ୟୁଜିସି ଅଡିଟୋରିୟମକୁ ପୁଷ୍ପଗିରି ନାମରେ ନାମିତ କରାଯିବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କର ଏ ଦିଗରେ ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି କହିବାକୁ ହେବ । କାରଣ ୬ ଜାନୁଆରୀ ୨୦୨୫ଦିନ ନୂଆଦିଲ୍ଲୀଠାରେ ଉକ୍ତ ଅଡିଟୋରିୟମ (ପ୍ରେକ୍ଷାଳୟ)ର ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ଓଡିଶାର ବୌଦ୍ଧ ଐତିହ୍ୟ ସଂପର୍କରେ ଉଲ୍ଲେଖ କରି ପୁଷ୍ପଗିରି କିପରି ଜ୍ଞାନର ପୀଠ ଓ ପ୍ରତୀକ ଥିଲା ତାହା ମଧ୍ୟ ପ୍ରକାଶ କରିଥିଲେ । ତକ୍ଷଶିଳା, ନାଳନ୍ଦା, ବିକ୍ରମଶିଳା ପରି ପୁଷ୍ପଗିରି ଅତୀତରେ ବୌଦ୍ଧ ବିଶ୍ୱବିଦ୍ୟାଳୟଭାବେ ବେଶ୍ ପରିଚିତ ଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ପୁନର୍ବାର ପୁଷ୍ପଗିରି ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟକୁ ନାଳନ୍ଦାପରି ପୁନର୍ଜୀବିତ କରିବାର ଯେଉଁ ପ୍ରୟାସ କରିଛନ୍ତି ତାହା କେବଳ ଓଡିଶା ନୁହେଁ,ଦେଶ ଓ ବିଶ୍ୱପାଇଁ ଗୌରବର ବିଷୟ । କେନ୍ଦ୍ର ସରକାର ନାଳନ୍ଦାରେ ଗୋଟିଏ କେନ୍ଦ୍ରୀୟ ଏବଂ ଗୋଟିଏ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଛନ୍ତି । ହେଲେ ବୌଦ୍ଧ ସଂସ୍କୃତିର ପ୍ରାଚୀନ ସ୍ଥଳୀ ଓଡିଶାରେ ବୌଦ୍ଧଧର୍ମ-ସଂସ୍କୃତି ଅଧ୍ୟୟନ, ଗବେଷଣା ପାଇଁ ସେହିପରି ଏକ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି । କେନ୍ଦ୍ରମନ୍ତ୍ରୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ନିଷ୍ପତ୍ତି ନେଲେ ଏହା ରାଜ୍ୟର ଶୈକ୍ଷିକ, ବୌଦ୍ଧିକ ଓ ଆର୍ଥିକ ଭିତ୍ତି ଭୂମିକୁ ସୁଦୃଢ଼ କରିବ ।

ପ୍ରଥମ ବୌଦ୍ଧ ସମ୍ମିଳନୀ ଚଳିତ ମାସ ୧୨ରୁ ୧୬ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ଅବସରରେ ଏଥିପାଇଁ ସଂକଳ୍ପ ଗ୍ରହଣ କରାଯାଉ । ରାଜ୍ୟ ସରକାର ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କୁ ଏଥିପାଇଁ ପ୍ରସ୍ତାବ ଦିଅନ୍ତୁ । ସ୍ଥାନୀୟ ବିଧାୟକଗଣ ମଧ୍ୟ ଏହି ଅଭିଯାନରେ ନିଜକୁ ସାମିଲ କରନ୍ତୁ । ରାଜ୍ୟରେ ବୌଦ୍ଧଧର୍ମର ଅଧ୍ୟୟନ, ଗବେଷଣା ସମେତ କୀର୍ତ୍ତି ରାଜିର ସୁରକ୍ଷାରେ ଏହି ଜାତୀୟକାର୍ଯ୍ୟକୁ ସମସ୍ତେ ନିଜର କାର୍ଯ୍ୟଭାବେ ଗ୍ରହଣ କରନ୍ତୁ । ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲେ ତିନୋଟି ଜିଲ୍ଲା ଯାଜପୁର, କଟକ ଏବଂ କେନ୍ଦ୍ରାପଡାର ବିକାଶ ହେବା ସହ ରାଜ୍ୟ ବୌଦ୍ଧଶିକ୍ଷାକେନ୍ଦ୍ରର ମାନଚିତ୍ରରେ ସ୍ଥାନ ପାଇବ । ପାଲି ଭାଷା ନିକଟରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ବୌଦ୍ଧଧର୍ମର ଗ୍ରନ୍ଥଗୁଡିକ ଏହି ଭାଷାରେ ଲେଖାଯାଇଥିବା ହେତୁ ରାଜ୍ୟରେ ପାଲିଭାଷା ଶିକ୍ଷାଦାନର ବ୍ୟବସ୍ଥା କରାଗଲେ ଭଲ ହେବ । କାରଣ ପୋଥି ମିଶନର ସର୍ବଭାରତୀୟ ନିର୍ଦ୍ଦେଶକ ଅନିର୍ବାଣ ଦାସ ଓଡିଆ ବ୍ୟକ୍ତି ଓ ପାଲିଭାଷାର ପଣ୍ଡିତ । ତାଙ୍କ ଜ୍ଞାନକୁ ରାଜ୍ୟସରକାର ଏଠାକାର ବିଶ୍ୱବିଦ୍ୟାଳୟଗୁଡିକରେ ଉପଯୋଗ ପାଇଁ ସୁବିଧା କରନ୍ତୁ । ପାଲି-ଓଡିଆ ମଧ୍ୟରେ ସଂପର୍କ ପୁରୁଣା । ଅନେକ ଓଡିଆ ଶବ୍ଦ ପାଲିରେ ଥିବା ଦେଖିବାକୁ ମିଳିଥାଏ । ପାଲି-ଓଡିଆ ଶବ୍ଦକୋଷ ପ୍ରକାଶନ ଏ ଦିଗରେ ଆଉ ଏକ ପଦକ୍ଷେପ ହେବ । ଅନିର୍ବାଣବାବୁ ଏ ଦିଗରେ ସାହାଯ୍ୟ ମଧ୍ୟ କରିପାରିବେ । ଆମ ରାଜ୍ୟର ବିଶ୍ୱବିଦ୍ୟାଳୟ କିମ୍ବା ସଂସ୍କୃତି ବିଭାଗ ଏ ଦିଗରେ ଆଗ୍ରହ ପ୍ରକାଶ କଲେ ହେବ । ବୁଦ୍ଧଙ୍କ ଜ୍ଞାନରେ ବିଶ୍ୱରେ ଅତୀତରେ ଶାନ୍ତିସ୍ଥାପନା ପରି ଆଗାମୀ ଦିନରେ ମଧ୍ୟ ଶାନ୍ତିସ୍ଥାପନା ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଯେପରି ଆଶାପ୍ରକାଶ କରିଛନ୍ତି, ତାହା ସଫଳ ହେବ । ଏଥିରେ ସମସ୍ତଙ୍କ ଆନ୍ତରିକତା ଓ ସହଯୋଗ ରହିଲେ ହେଲା । ଆଗାମୀ ଦିନରେ ଏହା ଉପରେ ଆଲୋଚନାଚକ୍ର ଆୟୋଜନ କରାଯିବା ଆବଶ୍ୟକ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩






# ରାଣୀଙ୍କ ଅଭିନୟରେ ଖୁସି ହେଲେ ଶାହାରୁଖ

ବଲିଉଡ ଅଭିନେତ୍ରୀ ରାନୀ ମୁଖାର୍ଜୀ। ତାଙ୍କ ଫିଲ୍ମ 'ମିସେଜ୍ ଚାଟାର୍ଜୀ ଭର୍ସେସ୍ ନରୱେ' ଆଜି ବକ୍ସ ଅଫିସରେ ରିଲିଜ୍ ହୋଇଛି। ଏହି ଚଳଚ୍ଚିତ୍ରରେ ରାନୀଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଉଛି। ବର୍ତ୍ତମାନ ରାନୀଙ୍କ ସର୍ବୋତମ ବନ୍ଧୁ ଶାହାରୁଖ ଖାନ ମଧ୍ୟ ତାଙ୍କ ପାଇଁ ପ୍ରଶଂସାର ସେତୁ ବାନ୍ଧିଛନ୍ତି। କିଙ୍ଗ ଖାନ ଫିଲ୍ମର ପୁରା ଟିମ୍‌କୁ ସୋସିଆଲ ମିଡିଆରେ ଅଭିନନ୍ଦନ ଜଣାଇଛନ୍ତି । ଏହା ସହ ରାନୀ ମୁଖାର୍ଜୀଙ୍କୁ ଫିଲ୍ମର ଜୀବନ ବୋଲି କହିଛନ୍ତି। 'ମିସେଜ୍ ଚାଟାର୍ଜୀ ଭର୍ସେସ୍ ନରୱେ'ର ସମୀକ୍ଷା କରୁଥିବାବେଳେ ଶାହାରୁଖ ଖାନ ଏହି ଚଳଚ୍ଚିତ୍ରରେ ରାନୀ ମୁଖାର୍ଜୀଙ୍କୁ ବହୁତ ପ୍ରଶଂସା କରିଛନ୍ତି। ଶାହରୁଖ ଖାନ ଟ୍ୱିଟରରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି – ଏହି ଫିଲ୍ମର ପୁରା ଟିମ୍ ଏକ ଜବରଦସ୍ତ କାର୍ଯ୍ୟ କରିଛି। ମେରୀ ରାନୀ ମୁଖ୍ୟ ଭୂମିକାରେ ରାଣୀ ପରି ଉଜ୍ଜ୍ୱଳ। ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶକ ଆଶିମା ଏକ ସମ୍ବେଦନଶୀଳତା ସହ ମାନବ ସଂଗ୍ରାମ ପ୍ରଦର୍ଶନ କରିଛନ୍ତି। ଏହି ଚଳଚ୍ଚିତ୍ର ଦେଖିବା ଯୋଗ୍ୟ। ଶାହରୁଖ ଖାନଙ୍କ ବ୍ୟତୀତ ବଲିଉଡର ଅନ୍ୟ ସେଲିବ୍ରେଟମାନେ ମଧ୍ୟ ଏହାର ପ୍ରିମିୟର ଦେଖିବା ପରେ ଫିଲ୍ମର ପ୍ରଶଂସା କରିଥିଲେ। କ୍ୟାଟ୍ରିନା, କିଆରା ଏବଂ ବିକି କୌଶଲଙ୍କ ସମେତ ଅନେକ ବଲିଉଡ ଷ୍ଟାର ରାନୀଙ୍କ ଅଭିନୟକୁ ପ୍ରଶଂସା କରି ପୋତି ପକାଇଛନ୍ତି। ଏଥି ସହ ରାନୀ ମୁଖାର୍ଜୀଙ୍କ ସ୍ୱାମୀ ଆଦିତ୍ୟ ଚୋପ୍ରା ମଧ୍ୟ ତାଙ୍କୁ ପ୍ରଶଂସା କରିଛନ୍ତି। ଫିଲ୍ମ 'ମିସେଜ୍ ଚାଟାର୍ଜୀ ଭର୍ସେସ୍ ନରୱେ' ଏକ ପ୍ରକୃତ ଘଟଣା ଉପରେ ଆଧାରିତ। ଏହି ଚଳଚ୍ଚିତ୍ରରେ ରାନୀ ଜଣେ ବଙ୍ଗୀୟ ମାଆ ଭୂମିକାରେ ଅଭିନୟ କରିଛନ୍ତି। ଯିଏକି ନରୱେରେ ନିଜ ପିଲାମାନଙ୍କର ସୁରକ୍ଷା ପାଇବା ପାଇଁ ସମଗ୍ର ଦେଶ ବିରୁଦ୍ଧରେ ଲଢୁଛନ୍ତି। ନରୱେ ପୋଲିସ ଏହି ଦମ୍ପତିଙ୍କ ଠାରୁ ସେମାନଙ୍କ ପିଲାମାନଙ୍କୁ ଛଡାଇ ନେଇଛନ୍ତି। କାରଣ ତାଙ୍କ କହିବାନୁସାରେ ସେମାନଙ୍କର ଠିକ୍ ଭାବରେ ଯତ୍ନ ନିଆଯାଉ ନାହିଁ। ଏହି ସଂଘର୍ଷରେ ଭାରତ ସରକାର ଏହି ଦମ୍ପତିଙ୍କୁ ସାହାଯ୍ୟ କରନ୍ତି।

# ମୋବାଇଲ୍ ବିଗାଡୁଛି ୮୦% ଲୋକଙ୍କ ଅଭ୍ୟାସ



ନିଦର ମାତ୍ରା କମ୍ ରହିଲେ ବଡ଼ ବଡ଼ ରୋଗ ହେବାର ଆଶଙ୍କା ରହିଛି। ଗବେଷକମାନେ ଗବେଷଣା କରି ଜାଣିବାକୁ ପାଇଛନ୍ତି ଯେ ନିଦ୍ରାହୀନତା ହେତୁ ଶାରୀରିକ ସହ ମାନସିକ ସ୍ୱାସ୍ଥ୍ୟ ପଇଁ ଖରାପ ହୋଇଥାଏ। ଦିନକୁ ଅତି କମ୍‌ରେ ୭ ଘଂଟା ନିଦ ନହେଲେ ଜଣେ ସୁସ୍ଥ ମଣିଷ ନାନା ସମସ୍ୟାର ସାମ୍ନା କରିପାରେ। ନିଦ କମ୍ ହେଲେ କମ୍ ବୟସରୁ ବି ମଧୁମେହ, ମୋଟାପଣ ଓ ରକ୍ତଚାପ ପରି ରୋଗ ହୋଇପାରେ। ଏହା ସହ ହୃଦ୍‌ରୋଗ ଆଶଙ୍କା ବି ରହିଛି। ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ ଶୋଇବା ଆଗରୁ ୮୦ ପ୍ରତିଶତ ଲୋକ ମୋବାଇଲ୍ ଦେଖିଥାନ୍ତି। ଯାହାଫଳରେ ନିଦ୍ରା ସୃଷ୍ଟିକାରୀ ହର୍ମୋନ ଉପରେ ପ୍ରଭାବ ପଡ଼ିଥାଏ ଓ ନିଦ୍ରାହୀନତା ପରି ସମସ୍ୟା ଉପୁଜେ। ଆପଣ ଜାଣନ୍ତି କି ଆଜି ହେଉଛି ବିଶ୍ୱ ନିଦ୍ରା ଦିବସ। ଏହି ଦିବସର ଅର୍ଥ ହେଉଛି ଅଧିକ ନିଦ ପାଇଁ ଲୋକଙ୍କୁ ଉତ୍ସାହିତ କରିବା। କାର୍ଯ୍ୟ ସଂପାଦନ କରିବା ଯେପରି ମଣିଷ ପାଇଁ ଆବଶ୍ୟକ ହୋଇଥାଏ ସେପରି ନିଜ ଶରୀରର ଯତ୍ନ ନେବା ବି ଜରୁରୀ ହୋଇଥାଏ । ଉତମ ନିଦ୍ରା ପାଇଁ ଉତମ ଖାଦ୍ୟ ଗ୍ରହଣ ଓ ବ୍ୟାୟାମର ଯଥେଷ୍ଟ ଆବଶ୍ୟକତା ରହିଛି। ଏଥିପାଇଁ ଆମର ଶାରୀରିକ ଓ ମାନସିକ ଅବସ୍ଥା ବି ଭଲ ରହିବା ଜରୁରୀ। ତେବେ ଚଳିତ ବର୍ଷର ବିଶ୍ୱ ନିଦ୍ରା ଦିବସର ସ୍ଲୋଗାନ ହେଉଛି 'ଭଲ ନିଦ, ଭଲ ଜୀବନ, ଭଲ ବିଶ୍ୱ'। ଏହା ପ୍ରତିବର୍ଷ ମାର୍ଚ୍ଚ ମାସର ତୃତୀୟ ଶୁକ୍ରବାରରେ ପାଳନ କରାଯାଏ। ଏହି ଦିବସକୁ 'ଗ୍ଲୋବାଲ୍ ସ୍ଲିପ୍ ସୋସାଇଟି'ର ଶାଖା 'ଦ ୱାର୍ଲ୍ଡ ସ୍ଲିପ୍ ଡେ କମିଟି' ଆରମ୍ଭ କରିଛି। ନିଦର ମୂଲ୍ୟ କେତେ ସେ ସଂପର୍କରେ ସଚେତନା ସୃଷ୍ଟି କରିବାକୁ ଏହି ଦିବସ ପାଳନ କରାଯାଏ।

# ୯୦ ସେକେଣ୍ଡରେ ମାତୃଗର୍ଭସ୍ଥ ଭ୍ରୁଣର ହେଲା ହୃତପିଣ୍ଡ ଅସ୍ତ୍ରୋପଚାର

ରାଜଧାନୀ ଦିଲ୍ଲୀସ୍ଥିତ ଏମ୍ସ ମେଡିକାଲର ଡାକ୍ତରମାନେ ଚିକିତ୍ସା କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ କାମ କରି ଚର୍ଚ୍ଚାରେ ରହିଛନ୍ତି। ଶୀର୍ଷକ ପଢ଼ି ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ କି ବାସ୍ତବରେ କ'ଣ ଏଭଳି ଅସ୍ତ୍ରୋପଚାର ହୋଇଛି। ଆଜ୍ଞା ହଁ ଏସବୁ ସମ୍ଭବ କରି ଦେଖାଇଛନ୍ତି ଦିଲ୍ଲୀସ୍ଥିତ ଏମ୍ସ ମେଡିକାଲର ଡାକ୍ତରମାନେ। ଦିଲ୍ଲୀ ଏମ୍ସରେ ଜଣେ ୨୮ ବର୍ଷୀୟ ଗର୍ଭବତୀ ମହିଳା ଚିକିତ୍ସା ପାଇଁ ଆସି ଥିଲେ। ଉକ୍ତ ଗର୍ଭବତୀଙ୍କ ଚିକିତ୍ସା କରୁଥିବା ସମୟରେ ଡାକ୍ତର ଜାଣିବାକୁ ପାଇଲେ ଯେ ମହିଳାଙ୍କ ଗର୍ଭରେ ଥିବା ଭ୍ରୂଣର ହୃତପିଣ୍ଡ ନାହିଁ। ଏ ସମ୍ପର୍କରେ ସେ ଗର୍ଭବତୀ ଓ ତାଙ୍କ ସ୍ୱାମୀଙ୍କ ସହିତ କଥା ହୋଇଥିଲେ। ଆଉ ଏହି ଅସୁବିଧା ବିଷୟରେ ଜଣାଇ ଡାକ୍ତର କହିଥିଲେ, ଉକ୍ତ ଭ୍ରୂଣର ହୃତପିଣ୍ଡ ଅସ୍ତ୍ରୋପଚରା କରିବାକୁ ହେବ। ନଚେତ ଶିଶୁ ବିନା ହୃଦପିଣ୍ଡରେ ଜନ୍ମ ନେବ। ଆଉ ବଂଚିବାର କୌଣସି ସମ୍ଭାବନା ରହିବ ନାହିଁ। ଏହାପରେ ଦମ୍ପତି ଏହି ଅସ୍ତ୍ରୋପଚାର ପାଇଁ ରାଜି ହୋଇଯାଇଥିଲେ। ଅସ୍ତ୍ରୋପଚାର ଏମ୍ସସ୍ଥିତ କାର୍ଡିଓଥୋରାସିକ୍ ସାଇନ୍ସ ସେଂଟରରେ ହୋଇଥିଲା। ଡାକ୍ତରମାନେ ମା' ଗର୍ଭାଶୟ ଭିତରେ ଥିବା ଏକ କ୍ଷୁଦ୍ର ଅଙ୍ଗୁର ଆକାରର ହାର୍ଟ ବେଲୁନ୍ ଡାୟଲେସନ୍ ପ୍ରକ୍ରିୟାକୁ ମାତ୍ର ୯୦ ସେକେଣ୍ଡରେ ସମାପ୍ତ କରିଥିଲେ। ଯାହାକୁ ଏକ ବିରଳ ଅସ୍ତ୍ରୋପଚାର ବୋଲି କୁହାଯାଉଛି। ଗର୍ଭସ୍ଥ ଶିଶୁର ହୃଦପିଣ୍ଡରେ ଏହି ପଦ୍ଧତିରେ ଅସ୍ତ୍ରୋପଚାର କରିବା ପାଇଁ ଏମ୍ସ ଡାକ୍ତରମାନେ ମାଆର ପେଟ ଦେଇ ଏକ ଛୁଂଚି ପ୍ରବେଶ କରାଇଥିଲେ। ଏହାପରେ, ଏକ ବେଲୁନ୍ କ୍ୟାଥେର୍ ମାଧ୍ୟମରେ ଭଲଭ ଠାରେ ରହିଥିବା ପ୍ରତିବନ୍ଧକକୁ ହଟାଇଥିଲେ। ଏହାପରେ ଭ୍ରୂଣର ହୃଦପିଣ୍ଡରେ ରକ୍ତ ପ୍ରବାହ ସ୍ୱାଭାବିକ ହୋଇଥିଲା। ଏହି ଅସ୍ତ୍ରୋପଚାର କରିଥିବା ଦଳର ବରିଷ୍ଠ ଡାକ୍ତର କହିଛନ୍ତି ଯେ,' ଆମେ ଆଶା କରୁଛୁ ଯେ ବର୍ତ୍ତମାନ ଶିଶୁର ହୃଦପିଣ୍ଡ ସାଧାରଣ ଭାବରେ ବିକଶିତ ହେବ। ଏପରି ଅସ୍ତ୍ରୋପଚାର ସମୟରେ ଗର୍ଭସ୍ଥ ଶିଶୁର ଜୀବନ ପ୍ରତି ବହୁତ ବିପଦ ରହିଥିଲା। ସେଥିପାଇଁ ଏହି ଅସ୍ତ୍ରୋପଚାର ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥିଲା। ତେଣୁ ଅତି ଯତ୍ନର ସହିତ ଅସ୍ତ୍ରୋପଚାର କରିବାକୁ ପଡିଥିଲା।'

# ହେଲିପ୍ୟାଡ୍‌ରେ ବିମାନ ଅବତରଣ !

ହେଲିପ୍ୟାଡ୍ କେବଳ ହେଲିକପ୍ଟର ଅବତରଣ ପାଇଁ ଉଦ୍ଦିଷ୍ଟ। କିନ୍ତୁ ଦୁବାଇର 'ବୁର୍ଜ ଅଲ୍ ଆରବ' ହୋଟେଲର ୫୬ତମ ମହଲା ଶୀର୍ଷରେ ନିର୍ମିତ ହେଲିପ୍ୟାଡ୍‌ରେ ପ୍ରଥମ ଥର ପାଇଁ ଜଣେ ପାଇଲଟ୍ ଏକ ବିମାନକୁ ଅବତରଣ କରିବାରେ ସଫଳ ହୋଇଛନ୍ତି। ପୋଲାଣ୍ଡ୍‌ର ଲ୍ୟୁକ୍ ଜେପିଏଲା ନାମକ ଏଆରଲାଇନ୍ ପାଇଲଟ୍ ଗତ ମଙ୍ଗଳବାର ଏହି ଦୁଃସାହସିକ କାର୍ଯ୍ୟ



କରିବା ପୂର୍ବରୁ ଭୂପୃଷ୍ଠରେ ୬୫୦ ଥର ଅବତରଣ ଅଭ୍ୟାସ କରିଥିଲେ। ଉକ୍ତ ହେଲିପ୍ୟାଡ୍‌ର ଓସାର ମାତ୍ର ୨୭ ମିଟର ହୋଇଥିବାରୁ ଏଥିରେ ବିମାନ ଅବତରଣ ପ୍ରାୟ ଅସମ୍ଭବ କହିଲେ ଚଳେ। ଛୋଟ ଭୁଲ୍ ଦ୍ୱାରା ଜୀବନ ଯିବା ସୁନିଶ୍ଚିତ। ତେବେ ୨୯ ବର୍ଷୀୟ ଲ୍ୟୁକ୍ ଜଣେ ଅସାଧାରଣ ପାଇଲଟ୍ ଯିଏ 'ଏରୋବାଟିକ୍‌ସ'ରେ ପ୍ରବୀଣ। ସେ ବ୍ୟବହାର କରିଥିବା ଆମେରିକୀୟ ବିମାନଟିର ଓଜନ ହ୍ରାସ କରିବା ଲାଗି ସେଥିରେ ୧୩ ପ୍ରକାର ସ୍ୱତନ୍ତ୍ର ମରାମତି କରାଯାଇଥିଲା। ସେ ଅତୀତରେ ବାର୍ସୋ ପୋଲ ତଳେ ବିମାନ ଉଡ଼ାଇବା, ୟୁରୋପର ଦୀର୍ଘତମ କାଠ ବନ୍ଧରେ ଅବତରଣ କରିବା ଭଳି ଦୁଃସାହସିକ କାର୍ଯ୍ୟ କରିସାରିଛନ୍ତି। ଭୂପୃଷ୍ଠରୁ ୨୧୨ ମିଟର ଉଚ୍ଚତାରେ ଅବସ୍ଥିତ ହେଲିପ୍ୟାଡ୍‌ରେ ଏକ ବିମାନର ସଫଳ ଅବତରଣ କରି ସେ ଇତିହାସରେ ନିଜ ନାମ ଲିପିବଦ୍ଧ କରିଛନ୍ତି।

# ୫୦୦ କୋଟିର ଫିଲ୍ମ 'ପ୍ରୋଜେକ୍ଟ କେ'

ପ୍ରଭାସ ଏବଂ ଦୀପିକା ପାଦୁକୋନ ଷ୍ଟାରର୍ 'ପ୍ରୋଜେକ୍ଟ କେ' ବହୁ ପ୍ରତୀକ୍ଷିତ ଫିଲ୍ମ ମଧ୍ୟରୁ ଗୋଟିଏ। ବର୍ତ୍ତମାନ ଫିଲ୍ମର ସୁଟିଂ ଚାଲିଛି। ଏହି ଫିଲ୍ମରେ ଅମିତାଭ ବଚ୍ଚନ ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। ଦୀପିକାଙ୍କ ପାଇଁ ଏହି ବର୍ଷ ବହୁତ ଭଲରେ ଆରମ୍ଭ ହୋଇଛି। ତାଙ୍କର 'ପଠାନ୍' ସୁପର ହିଟ୍ ହୋଇଛି। ଏହା ବ୍ୟତୀତ ସେ ଖୁବ୍ ଶୀଘ୍ର ଓସ୍କାର ସେରିମନି ପ୍ରେଜେଂଟ କରିବେ। ପ୍ରଭାସଙ୍କ ସହ ତାଙ୍କର ଏହି ଫିଲ୍ମ ଆସନ୍ତା ବର୍ଷ ରିଲିଜ୍ ହେବ। ଫିଲ୍ମର ବଜେଟ୍ ପ୍ରାୟ ୫୦୦ କୋଟି ହେବ ବୋଲି କୁହାଯାଉଛି। ଏଥିପାଇଁ ଦୀପିକା ମଧ୍ୟ ବଡ ଆମାଉଂଟ୍ ଚାର୍ଜ କରିଛନ୍ତି। ଦୀପିକା ଆଜି ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ । ଇଣ୍ଡିଆ ଟୁଡେ ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀ 'ପ୍ରୋଜେକ୍ଟ କେ' ପାଇଁ ୧୦ କୋଟିରୁ ଅଧିକ ଫି' ନେଇଛନ୍ତି। ତେବେ ଏହା ଆନୁଷ୍ଠାନିକ ଭାବେ ନିଶ୍ଚିତ ହୋଇନାହିଁ। ନିକଟରେ 'ପ୍ରୋଜେକ୍ଟ କେ'ର ପୋଷ୍ଟର ରିଲିଜ ହୋଇଥିଲା। ଫିଲ୍ମରୁ ଦୀପିକାଙ୍କ ପ୍ରଥମ ଲୁକ୍ ମଧ୍ୟ ପ୍ରକାଶ ପାଇଥିଲା। ଏହି ପୋଷ୍ଟର ତାଙ୍କ ଜନ୍ମ ଦିନରେ ରିଲିଜ୍ କରାଯାଇଥିଲା, ଯେଉଁଥିରେ ଲେଖାଥିଲା 'ଅନ୍ଧେର୍ ମେଁ ଏକ ଉମିଦ୍' । ତେବେ ନାଗ ଅଶ୍ୱିନ୍ 'ପ୍ରୋଜେକ୍ଟ କେ' ନିର୍ଦ୍ଦେଶନା ଦେଉଛନ୍ତି। ଦୀପିକା ପ୍ରଥମ ଥର ପାଇଁ ତେଲୁଗୁ ଫିଲ୍ମରେ କାମ କରୁଛନ୍ତି। ଫିଲ୍ମର ୭୦ ପ୍ରତିଶତ ସୁଟିଂ ଶେଷ ହୋଇସାରିଛି। ଫିଲ୍ମଟି ଜାନୁଆରୀ ୧୪ ରେ ମୁକ୍ତିଲାଭ କରିବ।

# ଅଲଗା ହେଲେ ବିଦ୍ୟୁତ୍-ନନ୍ଦିତା !



ବଲିଉଡର ଆକ୍ସନ୍ ଷ୍ଟାର ତଥା ଫିଟନେସ୍ ଆଇକନ୍ ବିଦ୍ୟୁତ୍ ଜାମୱାଲ୍। ଫ୍ୟାଶନ୍ ଡିଜାଇନର୍ ତଥା ତାଙ୍କ ପ୍ରେମିକା ନନ୍ଦିତା ମହତାନି। ଗତ କିଛି ବର୍ଷ ଧରି ଦୁହେଁ ପରସ୍ପରକୁ ଡେଟ୍ କରୁଥିଲେ। ପ୍ରେମର ପ୍ରତୀକ ତାଜମହଲ ସାମ୍ନାରେ ଦୁହେଁ ୨୦୨୧ ମସିହାରେ ନିର୍ବନ୍ଧ କରିଥିଲେ। କିନ୍ତୁ ବର୍ତମାନ ଏହି ଦମ୍ପତିଙ୍କ ବିଷୟରେ ଏକ ଦୁଃଖଦ ସାମ୍ନା ଆସିଛି । ପ୍ରକାଶ ଯେ, ଏହି କପଲ ବର୍ତମାନ ସେମାନଙ୍କ ରାସ୍ତା ଅଲଗା କରିବାକୁ ନିଷ୍ପତି ନେଇଛନ୍ତି। ଦୁଇ ବର୍ଷର ନିର୍ବନ୍ଧ ପରେ ଉଭୟ ବ୍ରେକଅପ କରିଛନ୍ତି। ଅଭିନେତା ବିଦ୍ୟୁତ ଜାମୱାଲ ଏବଂ ଫ୍ୟାଶନ ଡିଜାଇନର୍ ନନ୍ଦିତା ମହତାନି ଅଲଗା ହେବାକୁ ନିଷ୍ପତି ନେଇଛନ୍ତି। ଦୁହେଁ ଦୁଇ ବର୍ଷ ପୂର୍ବେ ନିର୍ବନ୍ଧରେ ଆବଦ୍ଧ ହୋଇଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବୁଧବାର ଦିନ ଦିଆନ୍ ପାଣ୍ଡେଙ୍କ ଝିଅ ଆଲାନାଙ୍କ ହଳଦୀ ସମାରୋହରେ ବିଦ୍ୟୁତ ଏବଂ ନନ୍ଦିତାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଏହି ସମୟରେ ଦୁହେଁ ପରସ୍ପରଠାରୁ ଦୂରତା ବଜାୟ ରଖିଥିଲେ। ସମାରୋହରେ ଉପସ୍ଥିତ ଥିବା ଏକ ସୂତ୍ରରୁ ଜଣାପଡିଛି ଯେ ସେମାନଙ୍କ ଦୂରତା ପଛରେ ଏକ କାରଣ ମଧ୍ୟ ରହିଛି। ହେଲେ ତାହା କଣ ଏଯାଏଁ ଜଣାପଡି ନାହିଁ। ଏକ ସୋର୍ସରୁ ଜଣାପଡିଛି କି ସେମାନେ ପରସ୍ପରକୁ ସମ୍ମାନ କରନ୍ତି। ଦୁହେଁ ଭଲ ବନ୍ଧୁ ଏବଂ ପରସ୍ପରକୁ ସାହାଯ୍ୟ କରିବା ପାଇଁ ସର୍ବଦା ଉପସ୍ଥିତ ଥାଆନ୍ତି । କହିବାକୁ ଗଲେ ୨୦୨୧ ମସିହାରେ ଏହି କପଲ ଆଗ୍ରାସ୍ଥିତ ତାଜମହଲରେ ନିର୍ବନ୍ଧ କରିଥିଲେ । ଉଭୟ ଫଟୋରେ ଦୁହେଁ ବହୁତ ଖୁସିଥିବାର ନଜର ଆସିଥିଲେ। ନନ୍ଦିତାଙ୍କ ହାତରେ ଥିବା ବଡ ହୀରା ମୁଦି ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିନ୍ତୁ ବର୍ତମାନ ଉଭୟଙ୍କ ଅଲଗା ହେବା ଖବର ପ୍ରଶଂସକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଅଟେ।

# ବାପାର ଛୁରା ମାଡ଼ରେ ପୁଅ ମୃତ

## ପୋଲିସ୍ ନିକଟରେ ଆତ୍ମସମର୍ପଣ କଲା ବାପା



ବାଲିଗୁଡା ୧୨/୧(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ା ପଞ୍ଚାୟତର ସିଙ୍ଗମିଲା ଗାଁ ରେ ଘଟିଛି ଏକ ଅଭାବନୀୟ ଘଟଣା । ପାରିବାରିକ କଳହ ନେଲା ଉଗ୍ର ରପ । ବାପାର ଛୁରା ମାଡ଼ରେ ପୁଅର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସେପଟେ ହତ୍ୟାକାରୀ ବାପା ବାଲିଗୁଡ଼ା ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ମୃତକ ୨୦ ବର୍ଷର ପୁଅ ଜିତେନ୍ଦ୍ର ମଲ୍ଲିକ ହୋଇଥିବା ବେଳେ ହତ୍ୟାକାରୀ ବାପା ପ୍ରାଣେଶ୍ୱର ମଲ୍ଲିକ ହୋଇଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ବାପ ପୁଅଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ଲାଗେ । ଶନିବାର ସକାଳୁ ସକାଳୁ କୌଣସି କାରଣରୁ ନେଇ ପୁଣି ବାପ ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝଗଡ଼ା ଏତେ ଉଗ୍ର ହୋଇଥିଲା ଯେ, ଉତ୍ୟକ୍ତ ବାପା ପ୍ରଣେଶ୍ୱର ଛୁରୀରେ ପୁଅ ଜିତେନ୍ଦ୍ରର ପେଟକୁ ଆକ୍ରମଣ କରିଥିଲା । ଜୀବନ ବିକଳରେ ଜିତେନ୍ଦ୍ର ସେଠାରୁ ଦୌଡ଼ି ଆସି ସମ୍ପର୍କୀୟଙ୍କ ଘରେ ପହଁଚିବା ପରେ ସେଠାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ଖବର ପାଇ ଘଟଣା ସ୍ଥଳରେ ବାଲିଗୁଡ଼ା ପୋଲିସ୍ ପହଁଚି ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି ବାଲିଗୁଡା ପୋଲିସ୍ ।

# ବାଲିଗୁଡ଼ା ବ୍ଲକ୍ ସ୍ତରୀୟ ଜନପ୍ରତିନିଧି ପରିଷଦର ତୃତୀୟ ବାର୍ଷିକୀ ବୈଠକ

ବାଲିଗୁଡ଼ା ୧୨/୧(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଗାୟତ୍ରୀ ମଣ୍ଡପ ଠାରେ ବାଲିଗୁଡ଼ା ବ୍ଲକ ସ୍ତରୀୟ ପଞ୍ଚାୟତ ଜନପ୍ରତିନିଧି ପରିଷଦର ତୃତୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲିଗୁଡ଼ା ବ୍ଲକର ପ୍ରତି ପଞ୍ଚାୟତ ରୁ ଆସିଥିବା ଜନପ୍ରତିନିଧି ନିଜ ନିଜ ପଞ୍ଚାୟତର ସୁବିଧା ଅସୁବିଧା ବୈଠକରେ ଉପସ୍ଥାପନା କରିଥିଲେ । ବାଲିଗୁଡ଼ା ଡାକ୍ତରଖାନାରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ସମସ୍ୟାକୁ ଆଖିରେ ରଖି ଆଗାମୀ ସମୟରେ ଜନପ୍ରତିନିଧି ପରିବାର ତରଫରୁ ରକ୍ତ ଦାନ ଶିବିର ଅନୁଷ୍ଠିତ କରିବା ସହ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ଅଭାବ ପୂରଣ ଦିଗରେ ସରକାରଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । କିଛି ପଞ୍ଚାୟତରେ ୱାର୍ଡ ମେମ୍ବର ମାନଙ୍କ ସିଟିଙ୍ଗ ଫିଜ୍ ଏକ ବର୍ଷରୁ ଉର୍ଦ୍ଧ ହେବ ଦିଆଯାଇ ନାହିଁ । କିଭଳି ଶୀଘ୍ର ସେମାନଙ୍କ ମାସିକ ଭତ୍ତା ମିଳିପାରିବ ସେ ବିଷୟରେ ପ୍ରଶାସନକୁ ଦାବି ଜଣାଇବା ପାଇଁ ଆଲୋଚନା କରାଯାଇ ଥିଲା । ବାଲିଗୁଡା ଅଞ୍ଚଳର ଯୁବ ସମାଜସ୍ୱୀ ଅରୁଣ କୁମାର ନାୟକଙ୍କୁ ତାଙ୍କ ବୃହତ ମାନବୀୟ ସେବାକାର୍ଯ୍ୟ ପାଇଁ ବାଲିଗୁଡା ବ୍ଲକ ସ୍ତରୀୟ ପଞ୍ଚାୟତ ଜନ ପ୍ରତିନିଧି ପରିବାର ପକ୍ଷରୁ ଶ୍ରେଷ୍ଠ ସେବା ସମ୍ମାନର ମାନପତ୍ର ପ୍ରଦାନ କରାଯାଇଥିଲା । କିଛି ପଞ୍ଚାୟତ ଜନପ୍ରତିନିଧି ମାନଙ୍କୁ ମଧ ତାଙ୍କ ବୃହତ କାର୍ଯ୍ୟ ନିମନ୍ତେ ଉତ୍ସାହିତ ପୂର୍ବକ ମାନପତ୍ର ପ୍ରଦାନ କରାଯାଇଥିଲା ।ଏଥିରେ ଅଶୋକ ମଲିକ, ମିଡିକିଆ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କୁ ବାଲିଗୁଡା ବ୍ଲକର ଶ୍ରେଷ୍ଠ ଆଦର୍ଶ ସରପଞ୍ଚ ସମ୍ମାନର ମାନପତ୍ର




ପ୍ରଦାନ କରାଯିବା ସହିତ ପରମାନନ୍ଦ ନାୟକ, ୧୧ ନମ୍ବର ୱାର୍ଡ ମେମ୍ବର ବାରଖମା ଗ୍ରାମ ପଞ୍ଚାୟତଙ୍କୁ ଶ୍ରେଷ୍ଠ ୱାର୍ଡ ମେମ୍ବର ସେବା ସଂମ୍ମାନ, ଶ୍ରୀମତୀ ଜାନକୀ କହଁର, ମିଡ଼ିଆ କିଆ ପଞ୍ଚାୟତ ସମିତି ସଭ୍ୟାଙ୍କୁ ଶ୍ରେଷ୍ଠ ଆଦର୍ଶ ସମିତି ସଭ୍ୟା ଭାବେ ମାନପତ୍ର ପ୍ରଦାନ, ମନିକା ମଲିକ ୧୩ ନମ୍ବର ୱାର୍ଡ ମେମ୍ବର ବାଟାଗୁଡା ପଞ୍ଚାୟତଙ୍କୁ ପାଞ୍ଚଥର ଦୀର୍ଘ ବର୍ଷ ଧରି ୱାର୍ଡର ସେବା କରୁଥିବାରୁ ତାଙ୍କୁ ପ୍ରସଂଶା ପତ୍ର ପ୍ରଦାନ, ରଂଜିତ କୁମାର ଦିଗାଲ ୧୦ ନମ୍ବର ୱାର୍ଡ ମେମ୍ବର ଖମଣଖୋଲ ପଞ୍ଚାୟତ ଦକ୍ଷ ୱାର୍ଡ ମେମ୍ବର ଭାବେ ପ୍ରସଂଶା ପତ୍ର ପ୍ରଦାନ, ପରମପଙ୍ଗା ପଞ୍ଚାୟତର ସ୍ୱାଧୀନ ଦିଗାଲଙ୍କୁ ଦକ୍ଷ ନାଏବ ସରପଞ୍ଚ ଭାବେ ପ୍ରସଂଶା ପତ୍ର ପ୍ରଦାନ କରାଯାଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଉପସ୍ଥିତ ରହି ମାନପତ୍ର ପ୍ରଦାନ କରିଥିଲେ । ଉପଦେଷ୍ଟା ରଘୁନାଥ ମଲିକ ବୈଠକର ସଭାପତିତ୍ୱ କରଥିବା ବେଳେ ଉପ ସଭାପତି ପରମାନନ୍ଦ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପାଦକ ଅଶୋକ ମଲ୍ଲିକ ସଭା ପରିଚାଳନା କରିଥିଲେ । ଉପଦେଷ୍ଟା ଅଭିରାମ ରଣା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଉକ୍ତ ବୈଠକରେ ବୁଡୁକିଆ ପଞ୍ଚାୟତ ସରପଞ୍ଚ ତଥା କାର୍ଯ୍ୟକାରି ସଦସ୍ୟା ଶ୍ରୀମତୀ ଅନୁସୟା ପ୍ରଧାନ, ପରମପାଙ୍ଗା ସରପଞ୍ଚ, ଲଣ୍ଡାଙ୍ଗା ସମିତି ସଭ୍ୟ, ସଲାଗୁଡା ସମିତି ସଭ୍ୟା, କୋଷାଧକ୍ଷ ତଥା ମିଡିଆକିଆ ସମିତିସଭ୍ୟା ଜାନକୀ କାହଁର ପ୍ରମୁଖ ଉପସ୍ଥିତ ଥିବା ବେଳେ ୧୪ ଗୋଟି ପଞ୍ଚାୟତର ଜନପ୍ରତିନିଧି ଏଥିରେ ସାମିଲ ହୋଇଥିଲେ । ବୈଠକ ସମାପ୍ତି ପରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ଜରାନିବାସକୁ ଯାଇ ଅନ୍ତେବାସୀ ବୃଦ୍ଧା,ବୃଦ୍ଧ ମାନଙ୍କୁ କିଛି ଫଳ ଖାଦ୍ୟ ସାମଗ୍ରୀ ଦେବାସହ କେକ୍ କାଟି ସମସ୍ତଙ୍କୁ ଦେଇ ତାଙ୍କ ମୁହଁରେ କିଛି ହସ ଫୁଟାଇ ଥିଲେ ଏବଂ ତାଙ୍କଠାରୁ ଆଶିର୍ବାଦ ନେଇଥିଲେ । ଜରାଶ୍ରମ ର ଅନ୍ତେବାସୀ ଙ୍କ ସେବା କରୁଥିବା ସେବକ କର୍ମ ଚାରୀମାନଙ୍କୁ ତାଙ୍କ ଦାୟିତ୍ୱ ନିମନ୍ତେ ପ୍ରସଂଶା କରିଥିଲେ । ଜରାନିବାସର ଅନ୍ତେବାସୀଙ୍କ ସୁବିଧା ନିମନ୍ତେ ଏକ ସାମୁହିକ ଖାଦ୍ୟ କକ୍ଷ ଓ ସିକ୍ ରୁମ ଆବଶ୍ୟକତା ଥିବା ଜାଣି ଉକ୍ତ ବିଷୟ ସରକାର ଓ ପ୍ରଶାସନଙ୍କୁ ଲିଖିତ ଭାବେ ଅବଗତ କରାଯିବ ବୋଲି ଜନ ପ୍ରତିନିଧି କର୍ମ କର୍ତ୍ତା ପ୍ରକାଶ କରି ଥିଲେ । ପ୍ରତିନିଧି ସମୂହଙ୍କ ଉକ୍ତ କାର୍ଯ୍ୟ ଦେଖି ସାଧାରଣ ମହଲରେ ପ୍ରସଂଶା କରାଯାଇଛି ।

# ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସମାବେଶ



ପାଟଣା ୧୨/୧(ନି.ପ୍ର): ପାଟଣା ଓ ସାହାରପଡା ବ୍ଲକର ମାଧ୍ୟମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କର ଏକ ସମାବେଶ ପାଟଣା ବୈତରଣୀ ତୀର୍ଥ ଠାରେ ସମାରୋହ ସହକାରେ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ସଞ୍ଜୟ ବସନ୍ତ ଚକ୍ର ,ରବୀନ୍ଦ୍ର କୁମାର ପଣ୍ଡା,ଚିନ୍ତାମଣୀ ଜେନା,ବାବୁଲାଲ ପ୍ରଧାନ ,ବାସୁଦେବ ମହାନ୍ତ,ନରେନ୍ଦ୍ର ପ୍ରଧାନ, ଶାନ୍ତନୁ କୁମାର ମିଶ୍ର,ଧରଣୀଧର ଦାଶ ପ୍ରମୁଖ ଯୋଗ ଦେଇଥିଲେ ।ଅବସରପ୍ରାପ୍ତ ବରିଷ୍ଠ ସଂସ୍କୃତ ଶିକ୍ଷକ ଗୌରହରି ମହାନ୍ତ ଏଥିରେ ସଭାପତିତ୍ୱ କରିଥିଲେ ।ମାଧ୍ୟମିକ ବିଦ୍ୟାଳୟ ରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ତଥା କର୍ମଚାରୀ ମାନଙ୍କର ବିଭିନ୍ନ ଅସୁବିଧା ସମ୍ବନ୍ଧରେ ଆଲୋଚନା କରାଯାଇ ତାହାର ସମାଧାନ କରାଯିବାକୁ ନିଷ୍ପତି ନିଆଯାଇଥିଲା ।ଏଥିରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ତଥା କର୍ମଚାରୀ ମାନଙ୍କୁ ଫୁଲତୋଡା ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥିରେ ସବୁଠାରୁ ବୟସ୍କ ଶିକ୍ଷକ ସାହାରପଡା ବ୍ଲକ ରୁ ମହେଶ୍ୱର ମହାନ୍ତ ତଥା କହ୍ନେଇ ଚରଣ ମହାନ୍ତ ମଧ୍ୟ ଯୋଗ ଦେଇ ସମସ୍ତ ଙ୍କୁ ଉତ୍ସାହିତ କରିଥିଲେ ।ସାହାରପଡା ବ୍ଲକ ର ଅବସରପ୍ରାପ୍ତ ଶିକ୍ଷକ ନଳିନୀ ଚନ୍ଦ୍ର ଘଣା ,ବଳଭଦ୍ର ମହାନ୍ତ,କୈଳାସ ଚନ୍ଦ୍ର ମହାନ୍ତ,ହୃଷିକେଶ ମହାନ୍ତ ଏବଂ ପାଟଣା ବ୍ଲକ ର ଅବସରପ୍ରାପ୍ତ ପ୍ରସନ୍ନ କୁମାର ପରିଡା,କ୍ଷୀରୋଦ ଚନ୍ଦ୍ର ମିଶ୍ର ,ହୃଷିକେଶ ମହାନ୍ତ ଓ ସାନ୍ତୁନୁ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ କୁ ସୁଚାରୁ ରୁପେ ପରିଚାଳନା କରିଥିଲେ ।

# ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ କାୟକଳ୍ପ ଟିମ

ପାଟଣା ୧୨/୧(ନି.ପ୍ର): ଆଜି ପଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ କାୟକଳ୍ପ ଟିମ ପରିଦର୍ଶନ କରିଛନ୍ତି ।ରାଜ୍ୟ ଟିମ ସହ ଜିଲ୍ଲା ଟିମ ମଧ ଏହି ପରିଦର୍ଶନ କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।ପରିଦର୍ଶନ ସମୟରେ ଏହି ଟିମ ଡାକ୍ତରଖାନା ରେ ରେକର୍ଡ ପତ୍ର ଯାଞ୍ଚ ସହ ରୋଗୀ ପଞ୍ଜିକରଣ, ଡାକ୍ତରଖାନା ର ବାହ୍ୟ ଓ ଭିତର ପରିବେଶ ର ପରିଷ୍କାର ପରିଛନ୍ନତା , ବର୍ଜ୍ୟବସ୍ତୁ ପରିଚାଳନା,ସଂକ୍ରମଣ ପ୍ରତିରୋଧ,ଜଳ ପରିମଳ,ସ୍ୱଚ୍ଛତା ସହିତ ଡାକ୍ତଖାନା ର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ ।ରାଜ୍ୟ ଟିମ ରେ ଡକ୍ଟର ଡି ଏସ୍ ଅରବିନ୍ଦ,ଡକ୍ଟର ଅସିତ କୁମାର ମହାନ୍ତି ଓ ଡକ୍ଟର ରୁଦ୍ର ଦାସ ଏବଂ ଜିଲ୍ଲା ଟିମ ରୁ ଡକ୍ଟର ହିମାଂଶୁ ଶେଖର ସାହୁ ଓ ଅଭିଷେକ ଷଡଙ୍ଗୀ ପରିଦର୍ଶନ ରେ ସାମିଲ ଥିବାବେଳେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡକ୍ଟର ଶୁଭେନ୍ଦୁ ସାଗର କୁମାର ନାଏକ ,ଡକ୍ଟର ରାଧାରମଣ ସାହୁ,ଡକ୍ଟର ସ୍ୱାଗତ ପ୍ରଧାନ,ଡକ୍ଟର ଯାଜ୍ଞସେନି ମହାନ୍ତ,ଡକ୍ଟର ନୀଳାଶ୍ରୀ ବିହାରୀ ବାହିନୀପତି, ଡକ୍ଟର ଚମ୍ପକ ବେହେରା ,ଡକ୍ଟର ପାର୍ଥ ସାରଥୀ ଦାଶ, ପି ଏଚ ଇଓ ସରୋଜିନୀ ସେଠୀ ବି ପି ଏମ ଦୀପକ ନାୟକ ଓ ଅନ୍ୟ କର୍ମଚାରିମାନେ କାୟକଳ୍ପ ଟିମ କୁ ପରିଦର୍ଶନ ଓ ଯାଞ୍ଚ ପ୍ରକ୍ରିୟା ରେ ସହଯୋଗ କରିଥିଲେ ।

# ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଆଇଏନଏସ ଚିଲିକାରେ କ୍ଲଷ୍ଟର ସ୍ତରୀୟ ସାଂସ୍କୃତିକ ମେଳା ଅନୁଷ୍ଠିତ

ବାଲୁଗାଁ ୧୨/୧(ନି.ପ୍ର): ଶୁକ୍ରବାର ଦିନ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଆଇଏନଏସ ଚିଲିକାରେ ଆୟୋଜିତ କ୍ଲଷ୍ଟର ସ୍ତରୀୟ ସାଂସ୍କୃତିକ ମେଳାରେ ବ୍ରହ୍ମପୁର କ୍ଲଷ୍ଟର ଅନ୍ତର୍ଗତ ଆଠଟି କେନ୍ଦ୍ରୀୟ ବିଦ୍ୟାଳୟ (ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଆସ୍କା, ହିଞ୍ଜିଳିକାଟୁ, ଭଞ୍ଜନଗର, ଦିଗପହଣ୍ଡି ଏବଂ ଆଇଏନଏସ ଚିଲିକା) ର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ଦକ୍ଷତା ଏବଂ ପ୍ରତିଭା ଦେଖାଇଲେ । ସେମାନଙ୍କ ସହ ୪୦ ଶିକ୍ଷକ ଶିକ୍ଷୟିତ୍ରୀ ମଧ ଉପସ୍ଥିତ ଥିଲେ ।ଦିନବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ ୧୨ଟି ବ୍ୟକ୍ତିଗତ ପ୍ରତିଯୋଗିତା ଯଥା ଭାଷଣ, ଗଳ୍ପ କଥନ, କବିତା ଆବୃତ୍ତି, ରଚନା ଲେଖନ, ଚିତ୍ରାଙ୍କନ ଓ ଅଭିନୟ ଆଦି ଏବଂ ୪ଟି ଗ୍ରୁପ୍ ପ୍ରତିଯୋଗିତା, ଯଥା ନୃତ୍ୟ,ଗୀତ, ନାଟକ ଏବଂ କୁଇଜ ଆୟୋଜିତ ହୋଇଥିଲା। ଚମ୍ପିୟାନ ଭାବରେ କେନ୍ଦ୍ରୀୟ ବିଦ୍ୟାଳୟ ଆଇଏନଏସ ଚିଲିକା ପ୍ରଥମ ସ୍ଥାନ ଏବଂ ରନର୍ସ-ଅପ୍ ରୂପେ କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁର ଦ୍ୱିତୀୟ ସ୍ଥାନ ହାସଲ କରିଥିଲା ।ଆଇଏନଏସ ଚିଲିକା ର କମାଣ୍ଡିଂ ଅଫିସର କମୋଡର ବି. ଦୀପକ ଅନିଲ୍ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇଥିଲେ । ସେ ଛାତ୍ରଛାତ୍ରୀଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମର ଗୁରୁତ୍ୱ ବୁଝାଇଥିଲେ । ବିଶେଷ ଅତିଥି ଏସବିଆଇ ଚିଫ୍ ମ୍ୟାନେଜର ଶ୍ରୀ ସତ୍ୟଶୀଷ ପଟ୍ଟନାୟକ୍ ଛାତ୍ରଛାତ୍ରୀଙ୍କୁ ଏହିଭଳି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ନିଜ ପ୍ରତିଭା ର ବିକାଶ କରିବା ପାଇଁ ପ୍ରେରିତ କରିଥିଲେ କ୍ଷ ବିଦ୍ୟାଳୟ ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ଜେନା ଏବଂ ପ୍ରଧାନ ଶିକ୍ଷକ ଅମିତ ଟୋକସ ଙ୍କର ଦିଗଦର୍ଶନରେ ଏହି ଆୟୋଜନ ସମ୍ଭବ ହୋଇପାରିଥିଲା ।

# ରାମଲୀଳା ନାଟକର ରାବଣ କଳାକାର ବିଶ୍ୱନାଥ ଗୌଡଙ୍କ ପରଲୋକ

ବୁଗୁଡ଼ା ୧୨/୧(ନି.ପ୍ର): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦର ଗ୍ରାମର ରାମଲୀଳା ନାଟକର ବରିଷ୍ଠ କଳାକାର ବିଶ୍ୱନାଥ ଗୌଡଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । ବିଶିଷ୍ଟ ଲେଖକ କଳ୍ପତରୁ ଦାସଙ୍କ ରାମଲୀଳା(ସିନ୍ଧୁ ରାମାୟଣ) ରେ ବହୁବର୍ଷ ଧରି ରାବଣ ଭୂମିକାରେ ଅଭିନୟ କରି ସ୍ୱର୍ଗତ ଗୌଡ ବେଶ ସୁନାମ ଅର୍ଜନ କରିଥିଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗ୍ରାମରେ ଅଭିନୀତ ହେଉଥିବା ନାଟକ ଦ୍ୱାରା ସେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ । ସ୍ୱର୍ଗତ ଗୌଡଙ୍କ ବିୟୋଗରେ ବାଲିପଦର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ରାମଲୀଳା ଗାୟକ ଓ ରାମଲୀଳା ଦଳର କଳାକାର ବୃନ୍ଦ ଗଭୀର ଶୋକ ପ୍ରକାଶ କରିବା ସହ ବାଲିପଦରର ବରିଷ୍ଠ କଳାକାର କୋକରାମ ଜେନା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# ଅର୍ଣ୍ଣପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା

ନିମାପଡା ୧୨/୧(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ସ୍ଥିତ ଅର୍ଣ୍ଣପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ନେତୃତ୍ୱରେ ଏକ ସଡକ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ସଚେତନତା କାର୍ଯ୍ୟକ୍ରମ ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ହାତରେ ପ୍ଲାକାର୍ଡ ଧରି ବିଦ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ରେ ବାହାରି ଚାରିଛକ ବଜାର ପରିକ୍ରମା କରିବା ସହିତ ବିନା ହେଲମେଣ୍ଟ ରେ ଯିବା ଆସିବା କରୁଥିବା ବାଇକ ଚାଳକକୁ ଅଟକାଇ ଶୃଙ୍ଖଳିତ ଓ ସଂଯମତା ରକ୍ଷା କରି ଗାଡି ଚଳାଇବାରେ ଅନେକ ସଡ଼କ ଦୁର୍ଘଟଣା ଏଡାଇ ଦିଆଯାଇପାରିବ ବୋଲି କହିବା ସହ ଗାଡି ଚାଳକ ମାନଙ୍କୁ ହେଲମେଣ୍ଟ ପିନ୍ଧିବା ପାଇଁ ବୁଝାଇ କହି ସଚେତନତା କରିଥିଲେ ।ଗାଡି ଚଲାଇବା ବେଳେ ଫୋନ ବ୍ୟବହାର ନ କରିବା , ହେଲମେଣ୍ଟ ପିନ୍ଧିବା ,ସିଟ ବେଲ୍ଟ ବାନ୍ଧିବା , ଟ୍ରାଫିକ ନିୟମ ମାନିବା ଇତ୍ୟାଦି ଉପରେ ସଚେତନତା ବାର୍ତ୍ତା ଦେଇଥିଲେ ।

# ଅବକାରୀ ଚଢ଼ାଉ, ୯ ଗିରଫ, ଦୁଇ ବାଇକ ଓ ହଜାରେ ଲିଟର ମଦ ଜବତ

ବୁଗୁଡା ୧୨/୧(ନି.ପ୍ର): ଭଞ୍ଜନଗର ରେଞ୍ଜ ଅନ୍ତର୍ଗତ ଭଞ୍ଜନଗର ଅବକାରୀ ଥାନା ଓ ବୁଗୁଡା ଅବକାରୀ ଥାନା, ବେଲଗୁଣ୍ଠା ପୋଲିସ ଥାନା, ଏବଂ ଅବକାରୀ ଗୁଇନ୍ଦା ୟୁନିଟ ମିଳିତ ଭାବେ ଜି.ନୂଆଗାଁ ଓ ବଡ଼କୋଦଣ୍ଡା ଛକ ଉପରେ ଚାଲିଥିବା ଚୋର ମଦ ରନ୍ଧା ଭାଟି ଉପରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉ ବେଳେ ୯ ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଦୁଇ ଗୋଟି ବାଇକ ଓ ଏକ ହଜାର ଲିଟର ମଦ ଜବତ ହୋଇଛି । ଏଥିସହ ୪୩୫୦ ଲିଟର ପୋଚ ନଷ୍ଟ କରାଯାଇଛି । ଚଢ଼ାଉରେ ଭଞ୍ଜନଗର ଅବକାରୀ ଥାନା ଅଧିକାରୀ ଅଲିଭା ମାଝୀ, ଅବକାରୀ ଇନ୍ସପେକ୍ଟର ଡ଼ମ୍ବୁରୁଧର ହରିଜନ, ଏଏସଆଇ ବାହୁମୂଲ୍ୟ ପରିଜା, ସରୋଜ କଟା ଓ ଟିମ ଅଂଶ ଗ୍ରହଣ କରିଥିଲେ ।

# ଘନ କୁହୁଡି ଆସ୍ତରଣ ଜନ ଜୀବନ ଅସ୍ତବ୍ୟସ୍ତ



କଣାସ ୧୨/୧(ନି.ପ୍ର): ଶୀତ ଋତୁ ଶେଷ ହେବାକୁ ବସିଥିବା ବେଳେ ପ୍ରଥମ କରି ଆଜି ଘନ କୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକରେ ।ଶନିବାର ଦିନ ସକାଳୁ ସକାଳୁ ସବୁଆଡ଼େ ଘନ କୁହୁଡ଼ିର ଆସ୍ତରଣ ଯୋଗୁ ଜନଜୀବନ ଅସ୍ତବେସ୍ତ ହୋଇପଡିଛି ।ଦିନ ୧୦ଟା ପର୍ଯ୍ୟନ୍ତ କୁହୁଡିର ଆସ୍ତରଣ ଲାଗି ରହିଥିବାରୁ ଯାତାୟତରେ ଘୋର ବ୍ୟାଘାତ ସୃଷ୍ଟି କରିଛି । ସକାଳୁ ସକାଳୁ କାକର ଭିଜା କୁହୁଡି ଉପଭୋଗ କରିବାର ମଜା ସବୁଠାରୁ ନିଆରା ଓ ପ୍ରକୃତିର ଏ ମନୋଲୋଭା ଦୃଶ୍ୟ କେବଳ ଶୀତ ଦିନରେ ଦେଖିବାକୁ ମିଳିଥାଏ ଓ ହେଲେ ଶନିବାର ସକାଳୁ ଗଛପତ୍ରରେ ପାଣି ଭଳି କୁହୁଡି ପଡିଥିବା ଦେଖିବାକୁ ମିଳିଥିଲା । କଣାସ, ଜଙ୍କିଅ। ଗଡସାହି,ବିଜିପୁର,କରମାଳା, ଗାଡିଶାଗୋଦା, ମନ୍ଦାରବସ୍ତ ,କୋଟକଣା,ଜଗୁଲାଇପଦର,ବାଲିପଡା ଆଦି ବଜାରରେ ଦୋକାନ ବଜାର ଡେରିରେ ଖୋଲିଥିବା ଦେଖିବାକୁ ମିଳିଛି ଓ କୁହୁଡ଼ି ପ୍ରଭାବ ଯୋଗୁ ଲୋକମାନେ ରାସ୍ତା ଘାଟରେ ଗାଡି ମୋଟର ଚଳ ପ୍ରଚଳରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି ଓକୁହୁଡି ଯୋଗୁ ଛୋଟ ବଡ ଦୃଘଟଣା ମଧ ଘଟୁଛି । କୁହୁଡି ସାଙ୍ଗକୁ ଶିତ ବୟସ୍କ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।କୁହୁଡ଼ିର ମାତ୍ରା ଏତେ ଅଧିକ ରହିବାଯୋଗୁ ପାଖରୁ ମଧ ମୁହଁ କୁ ମୁହଁ ଦେଖା ଯାଉନଥିଲା ଓ କୁହୁଡ଼ି ହେବା ଫଳାରେ ଲୋକମାନେ ବାହାରକୁ ବାହାରି କୌଣସି କାମରେ ଜାଇପାରୁନାହାନ୍ତି ଓଘରେଇ ଟିୟୁସନକୁ ଛାତ୍ରଛାତ୍ରୀ ମାନେ ପଢିବାକୁ ଯିବାରେ ଅସୁବିଧା ସମୁଖୀନ ହେଉଛନ୍ତି । କଲୋକମାନେ କୁହୁଡ଼ି ବର୍ଷାରେ ଜମିକୁ କାମ କରିବାକୁ ଯିବାରେ ବିଳମ୍ବ ଘଟିଛି ଏମିତିକି ଦିନ ଦଶଟା ପରେ ଜମିକୁ ଯିବା ସମ୍ଭବ ହେଉଛି ।ଜନ ସାଧାରଣ ସତର୍କତା ସହ ଯାତାୟତ କଲେ ଧନ ଜୀବନ ସୁରକ୍ଷିତ ରହିପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

# ଧର୍ମପରାୟଣ ଓ ପରୋପକାରୀ ମହିଳାଙ୍କ ପରଲୋକ

ବୁଗୁଡା ୧୨/୧(ନି.ପ୍ର): ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅମିତ ନଗରର ବାସିନ୍ଦା ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକଙ୍କ ମାତା ସାରିଆମଣି ପଟ୍ଟନାୟକଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ଶ୍ରୀମତୀ ପଟ୍ଟନାୟକ ଶଯ୍ୟାଶାୟୀ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁଅ ଓ ଆତ୍ମୀୟ ବ୍ୟକ୍ତି ବୃନ୍ଦ ଉପସ୍ଥିତ ଥିଲେ । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ । ବୁଗୁଡା କୁସମୀ ସେତୁ ନିକଟ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର ହୋଇଥିଲା । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ସଫା କରିବା ଆଳରେ ମହିଳାଙ୍କ ସୁନା ହାର କାନଫୁଲ ଲୁଟିଲେ ଠକ

ପାଟଣା ୧୨/୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ରେ ୨ ଜଣ ଠକ ସୁନା ଅଳଙ୍କାର ସଫେଇ ବାହାନାରେ ଶୈଳବାଳା ବେହେରା ନାମ୍ନୀ ଜଣେ ମହିଳା ଙ୍କ ଠାରୁ ଗୋଟିଏ ସୁନା ଚେନ ଓ ୨ ହଳ କାନଫୁଲ ଲୁଟି ନେଇଛନ୍ତି । ମହିଳା ଜଣକ ଏକ କାଗଜ ପୁଡିଆ ରେ ଏହା ସଫା କରିବାକୁ ଦେଇ ଘର ଭିତରକୁ ଯାଇ ଆସିବା ପରେ ଠକ ଦ୍ୱୟ ଗୋଡ଼ି ଭର୍ତ୍ତି ପୁଡିଆ ମହିଳା ଙ୍କୁ ଦେଇ ସେଠାରୁ ଚମ୍ପଟ ମାରିଥିଲେ । ଏନେଇ ମହିଳା ଙ୍କ ସ୍ୱାମୀ ନିର୍ମଳ ବେହେରା ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ଓ ଏସ ଆଇ ରସାନନ୍ଦ ନାଏକ ଘଟଣାର ତଦନ୍ତ ଜାରି ରଖିଛନ୍ତି ।

# ଚିଲିକା ଝିଅ ସୌମ୍ୟାଶ୍ରୀ ହେଲେ ନାସା ବୈଜ୍ଞାନିକ



ବାଲୁଗାଁ ୧୨/୧(ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ହରିକୁଣ୍ଡ ବରଡ଼ି ଗ୍ରାମର ଝିଅ ସୌମ୍ୟାଶ୍ରୀ ବରାଳ ବଡ ସଫଳତା ହାସଲ କରିଛନ୍ତି । ଡ. ସୌମ୍ୟାଶ୍ରୀ ବରାଳ ନାସାରେ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇଛନ୍ତି । ସୌମ୍ୟାଶ୍ରୀଙ୍କ ପିତା ନିଶାକର ବରାଳ ଜଣେ ଅବସରପ୍ରାପ୍ତ ଶିକ୍ଷକ ଥିବା ବେଳେ ମାତା ସଞ୍ଜୁକ୍ତା ବରାଳ ଜଣେ ଗୃହିଣୀ ଅଟନ୍ତି ।ସୌମ୍ୟାଶ୍ରୀ ନାଚୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧୦ମ ଏବଂ ପରେ ନିରାକାରପୁରସ୍ଥିତ କେବିଡିଏଭି ସରକାରୀ ମହାବିଦ୍ୟାଳୟରୁ ଦ୍ୱାଦଶ ପାସ କରିଥିଲେ । ସେ ପଦାର୍ଥ ବିଜ୍ଞାନ (ସମ୍ମାନ) ରେ ବିଏସସି କରିଥିଲେ । ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ.ଏସସି ପାଠ୍ୟକ୍ରମ ଶେଷ କରିଥିଲେ । ବିଏସସିରେ ପଢ଼ିବା ସମୟରେ ତାଙ୍କର ପଦାର୍ଥ ବିଜ୍ଞାନ ଏବଂ ଗବେଷଣା ପ୍ରତି ରୁଚି ବଢ଼ିଥିଲା । ଏହି ରୁଚି ଭିତରେ ତାଙ୍କର ସ୍ୱପ୍ନ ଲୁଚି ରହିଥିବା ସେ ହୃଦବୋଧ କରିବା ପରେ ଆଗକୁ ବଢ଼ିଚାଲିଥିଲେ । ବାଣୀବିହାରରେ ଏମ.ଏସସି ପରେ ସେ ଆଇଆଇଟି ପାଟନାରେ କମ୍ପ୍ୟୁଟେସନାଲ ଆଟୋମିକ ଫିଜିକ୍ସରେ ପିଏଚଡି କରିଥିଲେ ।ପିଏଚ.ଡି ଶେଷ ହେବା ପରେ ତାଙ୍କୁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାରେ ଚାକିରି କରିବାକୁ ଅଫର ମିଳିଛି । ଯାହାକୁ ନେଇ ସେ ବେଶ୍ ? ଖୁସି ଥିବା କହିଛନ୍ତି ସୌମ୍ୟାଶ୍ରୀ । ପୋଷ୍ଟ ଡକ୍ଟରାଲ ରିସର୍ଚ୍ଚ ଆସୋସିଏଟ ଭାବେ ତାଙ୍କୁ ନିଯୁକ୍ତି ମିଳିଛି । ଆମେରିକାର ୱାଶିଂଟନ ଡିସିଠାରେ ଥିବା ନାସାର ଗୋଡାର୍ଡ ସ୍ପେଶ ଫ୍ଲାଇଟ ସେଣ୍ଟରରେ ସେ ବର୍ତ୍ତମାନ କାର୍ଯ୍ୟ କରିବେ । ନାସାର ଅନେକ ବଡ଼ ବଡ଼ ଗବେଷଣା କେନ୍ଦ୍ର ମଧ୍ୟରୁ ଏହି କେନ୍ଦ୍ର ଅନ୍ୟତମ ।ସୌମ୍ୟାଶ୍ରୀ ନିଜେ ତାଙ୍କ ସ୍ୱପ୍ନକୁ ସାକାର କରିବାରେ ସଫଳ ହେବା ସହ ନିଜ ଜନ୍ମ ମାଟି ପାଇଁ ଗୌରବ ଆଣିଛନ୍ତି । ଗ୍ରାମାଞ୍ଚଳର ଜଣେ ଝିଅ ନାସାର ବୈଜ୍ଞାନିକ ଭାବେ କାର୍ଯ୍ୟ କରିବା ଏକ ବଡ ସମ୍ମାନର ବିଷୟ । ତେଣୁ ତାଙ୍କର ଏହି ସଫଳତା ପାଇଁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି ।

# ଏପ୍ରିଲ ରୁ ଉପକୂଳ ରାଜପଥ ନିର୍ମାଣ ହେବ,୭୦୩୮ କୋଟି ଟଙ୍କା ବ୍ୟୟ ବରାଦ

ନିମାପଡ଼ା ୧୨/୧(ନି.ପ୍ର): ପ୍ରସ୍ତାବିତ ଉପକୂଳ ରାଜପଥ ନିର୍ମାଣ ନିମନ୍ତେ ବାଟ ଫିଟିଛି ।ରାମେଶ୍ୱର (ଟାଙ୍ଗୀ ନିକଟ) - ବ୍ରହ୍ମଗିରି - ପୁରୀ - କୋଣାର୍କ - ଅସ୍ତରଙ୍ଗ - ନୂଆଗାଁ - ପାରାଦୀପ - ବନ୍ଦର - ରତନପୁର ପାଇଁ ଭାରତ ମାଳା ପରିଯୋଜନା ଅଧୀନରେ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେବ ।ଉତ୍ତର ପ୍ରଦେଶ ଗାଜିଆବାଦ ର ଚୈତନ୍ୟ ପ୍ରକଳ୍ପ ପରାମର୍ଶ ଦାତା ପ୍ରାଇଭେଟ୍ ଲିମିଟେଡ ଏହି ପ୍ରକଳ୍ପ ଡିପି ଆର ଓ ପରିବେଶ ପରାମର୍ଶ ଦାତା ନିଯୁକ୍ତି ହୋଇଛି ।ଖୋର୍ଦ୍ଧା ,ପୁରୀ ଜଗତସିଂପୁର ,କେନ୍ଦ୍ରାପଡ଼ା ଦେଇ ଏହି ରାସ୍ତା ନିର୍ମାଣ ହେବ ।ଜମି ଅଧିଗ୍ରହଣ ଦ୍ୱାରା ଏହି ଜିଲ୍ଲା ମାନଙ୍କର ମୋଟ ୧୮୨ ଟି ଗ୍ରାମ ପ୍ରଭାବିତ ହେବ ।ଯାହା ଭିତରେ ଖୋର୍ଦ୍ଧା ୫ ଟି ,ପୁରୀ ର ୧୦୨ ଟି ,ଜଗତସିଂପୁର ର ୫୨ ଟି କେନ୍ଦ୍ରାପଡ଼ା ର ୨୩ ଟି ଗ୍ରାମ ରହିଛି ।ଏହି ଜିଲ୍ଲା ମାନଙ୍କ ଭିତର ଦେଇ ମୋଟ ୧୭୭.୦୨୮ କିଲୋମିଟର ରାସ୍ତା ନିର୍ମାଣ ହେବ ।ଯାହା ଭିତରେ ଖୋର୍ଦ୍ଧା ଜିଲ୍ଲା ଦେଇ ୫.୫ କିଲୋମିଟର ,ପୁରୀ ଜିଲ୍ଲାରେ ୧୦୧.୩ କିଲୋମିଟର,ଜଗତସିଂପୁର ଜିଲ୍ଲାରେ ୪୭.୯ କିଲୋମିଟର କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ୨୨.୩ କିଲୋମିଟର ରାସ୍ତା ନିର୍ମାଣ ହେବ ।ଏହି ରାସ୍ତା ନିମନ୍ତେ ମୋଟ ୮୭୫ ହେକ୍ଟର ଜମି ଅଧିଗ୍ରହଣ ହେବ ।ଯାହା ଭିତରେ ଖୋର୍ଦ୍ଧା ରେ ୩୨.୩୭ ହେକ୍ଟର ,ପୁରୀ ରେ ୫୦୫.୧୩ ହେକ୍ଟର ,ଜଗତସିଂପୁର ରେ ୨୨୩.୬୭ ହେକ୍ଟର,କେନ୍ଦ୍ରାପଡ଼ା ରେ ୧୦୪.୭ ହେକ୍ଟର ,ଜମି ଅଧିଗ୍ରହଣ ହେବ । ରାସ୍ତା ନିର୍ମାଣ ଭିତରେ ୪ ଟି ଆର ଓ ବି ,୨୫ ଟି ମୁଖ୍ୟ ସେତୁ ,୮୭ ଟି ଛୋଟ ସେତୁ ନିର୍ମାଣ ହେବ ।ଏବଂ ୩୭୪ ଟି କଲଭର୍ଟ ନିର୍ମାଣ ହେବ ।ଏହି ରାସ୍ତାରେ ୫୦ ଟି ବସ ଆଶ୍ରୟ ସ୍ଥଳୀ କରାଯିବ ।ଏହି ରାସ୍ତାରେ ୨୬.୫ ହେକ୍ଟର ଜଙ୍ଗଲ ଜମି ରହିଥିବା ବେଳେ ପ୍ରାୟ ୧୯୮ ଟି ପ୍ରାକୃତିକ ଜଳ ଉତ୍ସ ପ୍ରଭାବିତ ହେବ ।ଏହି ରାସ୍ତା ନିର୍ମାଣ ବାଟରେ ୭୮୩୩ ଗଛ ରହିଛି ।ରାସ୍ତା ନିର୍ମାଣ ପରେ ୧୩ ହଜାର ଗଛ ଓ ରାସ୍ତା ମଝିରେ ୪୦୭୩୧ ଟି ଗଛ ଲାଗିବ ।ରାସ୍ତା ନିର୍ମାଣ ଯୋଗୁଁ ଚିଲିକା ଜୀବଜନ୍ତୁ ଅଭୟାରଣ୍ୟ ,ବାଲୁଖଣ୍ଡ - କୋଣାର୍କ ବନ୍ୟ ଜୀବଜନ୍ତୁ ଅଭୟାରଣ୍ୟ ଓ ଭିତର କନିକା ଜାତୀୟ ଉଦ୍ୟାନ ପ୍ରସ୍ତାବିତ ପ୍ରକଳ୍ପ ଆଲାଇ ନ ମେଣ୍ଟ ନିକଟରେ ଅବସ୍ଥିତ ।ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପାଖାପାଖି ୪୩୭୪ ପରିବାର ର ମୋଟ ପ୍ରାୟ ୨୦ ହଜାର ୭୪ ଜଣ ବ୍ୟକ୍ତି ପ୍ରଭାବିତ ହେବା ଅନୁମାନ କରାଯାଇଛି । ପ୍ରକଳ୍ପ ଯୋଗୁଁ କ୍ଷୁଦ୍ର ବ୍ୟବସାୟ ରେ ବୃଦ୍ଧି ସାଙ୍ଗକୁ ହୋଟେଲ ,ଡାକ୍ତରଖାନା ,ବଜାର ପ୍ରତିଷ୍ଠା ହେବ ।ପର୍ଯ୍ୟଟନ, ଶିଳ୍ପ ,ଓ କୃଷି କାର୍ଯ୍ୟକଳାପ ବୃଦ୍ଧି ହେବ ।ଏହା ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।ରାଜପଥ ନିକଟରେ ଥିବା ବନ୍ଦର ସଂଯୋଗ କୁ ବୃଦ୍ଧି କରିବ ଓ ବିପର୍ଯ୍ୟୟ ପରିଚାଳନା ରେ ସହାୟକ ହେବ ବୋଲି ଜଣାପଡିଛି ।ଉପକୂଳ ଅଞ୍ଚଳ ବିକାଶ ସହ ଗମନାଗମନ ପର୍ଯ୍ୟଟନ ର ବିକାଶ କୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଉପକୂଳ ରାଜପଥ ର ପରିକଳ୍ପନା କରିଥିଲେ ।୯ ବର୍ଷ ତଳେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରି ଓଡ଼ିଶା ଆସି ଉପକୂଳ ରାଜପଥ ପ୍ରକଳ୍ପ ପ୍ରାୟ ୪୪୦ କିଲୋମିଟର ଗୋପାଳପୁର ରୁ ଦୀଘା ପର୍ଯ୍ୟନ୍ତ ଯିବାର ଥିଲା ।କିନ୍ତୁ ଏକ୍ସପର୍ଟ ଆପ୍ରାଇଯାଲ କମିଟି (ଇ ଏ ସି) ଚିଲିକା ,ବାଲୁଖଣ୍ଡ ଓ ଭିତରକନିକା ଠାରୁ ଦୂରରେ ରାଜପଥ ନେବାକୁ ପରାମର୍ଶ ଦେଇଥିଲେ । ଏହାପରେ ଖୋର୍ଦ୍ଧା ଜିଲ୍ଲା ର ଟାଙ୍ଗୀ ଠାରୁ ବାହାରି ରତନପୁର ଦେଇ ଦୀଘା ପର୍ଯ୍ୟନ୍ତ ୩୮୨ କିଲୋମିଟର ଉପକୂଳ ରାଜପଥ ହେବା ପାଇଁ ସ୍ଥିର କରାଯାଇଛି ।ହେଲେ ଜଗତସିଂପୁର ଜିଲ୍ଲାରେ ସମୁଦ୍ର ଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ରାଜପଥ ନିଆଯିବାକୁ ନେଇ ସ୍ଥିର କରାଯାଇଥିଲା ।ପରେ ନକ୍ସା -୩ ରେ ପରିବର୍ତ୍ତନ ପାଇଁ ବାଲିକୁଦା , ଏ ରସମା ,ଅସ୍ତରଙ୍ଗ ର ପ୍ରାୟ ୮୦ ଟି ପଞ୍ଚାୟତ ରେ ଲକ୍ଷାଧିକ ଲୋକ ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି ଗଠନ କରି ବଡ ଆନ୍ଦୋଳନ କରିଥିଲେ ।ଯାହାର ପ୍ରଭାବରେ ପୂର୍ବରୁ ହୋଇଥିବା ଟେଣ୍ଡର କୁ ବାତିଲ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲା ବଡ଼ ପୋଖରିଆ ରୁ ପୁରୀ ୪୭ କିଲୋମିଟର,,ଦ୍ୱିତୀୟ ପ୍ୟାକେଜ ପୁରୀରୁ ବାଙ୍ଗୁରି ଗାଁ ରୁ ୪୨ କିଲୋମିଟର,ତୃତୀୟରେ ବାଙ୍ଗୁରି ଗାଁ ରୁ ଭାୟା ଅସ୍ତରଙ୍ଗ ଦେଇ ଏରସମା ୪୮ କିଲୋମିଟର ଏବଂ ଚତୁର୍ଥ ପର୍ଯ୍ୟାୟ ଏରସମା ରୁ ମସାକଣି ଯାଏଁ ୨୬ କିଲୋମିଟର ରାସ୍ତା ପାଇଁ ଟେଣ୍ଡର ହୋଇଛି ।୪ ଟି ପ୍ୟାକେଜ ପାଇଁ ମୋଟ ୭୦୩୮ କୋଟି ଟଙ୍କାର ଟେଣ୍ଡର ଫେବୃଆରୀ ୨୪ ଭିତରେ ଚୁଡାନ୍ତ ପରେ ଏପ୍ରିଲ ରୁ କାମ ଆରମ୍ଭ ହେବ ।ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଖଦଲ ସାହି ଠାରୁ ଦୀଘା ପର୍ଯ୍ୟନ୍ତ ପ୍ରାୟ ୧୭୧ କିଲୋମିଟର ନିର୍ମାଣ ହେବ ।

# ଗଣତନ୍ତ୍ର ପରେ ବର୍ତ୍ତମାନ ସାମ୍ବିଧାନିକ ବ୍ୟବସ୍ଥାକୁ ହତ୍ୟା କରିବାର ପ୍ରୟାସ କରୁଛି ବିଜେଡି : ବାବୁ ସିଂ

ଭୁବନେଶ୍ୱର, ତା.୧୨/୦୧: ବିଜେଡି ମୁଖପାତ୍ର ସସ୍ମିତ ପାତ୍ର, ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ତାଙ୍କ ପରିବାର ଆଜି ବିଜେପି ବିରୁଦ୍ଧ ଭିତିହୀନ ବକ୍ତବ୍ୟକୁ ଆମେ ଦୃଢ ନିନ୍ଦା କରୁଛୁ। ଏଥି ସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଏହି ପ୍ରସଙ୍ଗରେ ଯେଉଁଭଳି ଭାବରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଗଣତନ୍ତ୍ରର କିଏ ହତ୍ୟା କରିଛି, ତାହା ଝାରସୁଗୁଡା ଏବଂ ଓଡିଶାବାସୀଙ୍କୁ ବହୁତ ଭଲ ଭାବରେ ଜଣା । ଗତ ୪ମାସ ହେବ ଝାରସୁଗୁଡା ଜିଲ୍ଲାର କିଛି ସମିତିସଭ୍ୟ ଏବଂ ସରପଂଚଙ୍କୁ ଜୋରଜବରଦସ୍ତ କେଉଁଠି ଲୁଚେଇକି ରଖିଛନ୍ତି ବିଜେଡି ନେତା ? ଗୋଟିଏ ଦଳ ଦୀର୍ଘ ୨୪ବର୍ଷ ଧରି ଶାସନ କଲା ପରେ, ନିଜ ଅପାରଗତା କାରଣରୁ ବିତାଡିତ ହେବା ପରେ ମଧ ତାଙ୍କର ଶାସନର ମୋହ ଏପର୍ଯ୍ୟନ୍ତ ଛାଡି ନାହିଁ। କିଏ ଏବଂ କେଉଁ ବ୍ୟକ୍ତି ସେମାନଙ୍କୁ ଲୁଚେଇକି ରଖିଥିଲା ତାର ପର୍ଦାଫାସ୍ ହେଉ। ଗତ ୨ଦିନ ତଳେ ଛତିଶଗଡଠାରେ ଏକ ହୋଟେଲରେ ଯେଉଁ ସରପଂଚ ଏବଂ ସମିତିସଭ୍ୟ ରହିଥିଲେ କର୍ଚ୍ଛି ଲୋକ ଅଚାନକ ସେମାନଙ୍କୁ ଉଠେଇବାକୁ ଯାଇଥିଲେ। ପରେ ରାତି ୨ଟାରେ ନବ ଦାସଙ୍କ ପୁଅ ଗୁଣ୍ଡା ଧରି ହୋଟେଲ ଭାଙ୍ଗିବାକୁ ଚେଷ୍ଟା କରିବା ସହ ସରପଂଚ ଏବଂ ସମିତିସଭ୍ୟଙ୍କୁ ଉଠେଇବାକୁ ଚେଷ୍ଟା କରିଥିଲେ। ଗୁଣ୍ଡାଗର୍ଦୀ କରିବା ପୂର୍ବ ସରକାରର ନୀତି ଓ ଆଦର୍ଶ ଥିଲା। ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ବିଜେଡିର ୨୪ବର୍ଷ ଶାସନ କେବଳ ଗୁଣ୍ଡାଗର୍ଦୀରେ ବିତିଛି । ବିଜେଡି ଶାସନ ସମୟରେ କହୁଥିଲେ 'ଆଇନ ତା ବାଟରେ ଯିବ', ମାତ୍ର ସେତେବେଳେ ତା ହେଉନଥିଲା। ଏବେ ଯେତେବେଳେ ଆଇନ ନିଜ ବାଟରେ ଯାଉଛି ସେତେବେଳେ ବିଜେଡି ତାକୁ ବିରୋଧ କରୁଛି ବୋଲି ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ କହିଛନ୍ତି। ଆଜି ରାଜ୍ୟ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂ କହିଛନ୍ତି ଯେ, ଯେଉଁମାନେ ଅନାସ୍ଥା ପ୍ରସ୍ତାବର ଦସ୍ତଖତ କରିଥିଲେ ସେହି ସରପଂଚ ଓ ସମିତି ସଭ୍ୟମାନେ ଦୀର୍ଘ ୪ମାସ ହେବ କାହିଁକି ସେ ଅଂଚଳରେ ନଥିଲେ, ତାଙ୍କୁ କିଏ ବଳପୂର୍ବକ ନେଇ ଯାଇଥିଲା ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଦିନ ସବୁଠି ନିୟମ ଅଛି ଗ୍ରାମ ସଭା ହେବା କଥା। ଯେଉଁମାନେ ଅନାସ୍ଥା ପ୍ରସ୍ତାବର ଦସ୍ତଖତ କରିଥିଲେ, ସେଦିନ ବି ନଥିଲେ। ତେଣୁ ଯେଉଁମାନେ ଏହି ସରପଂଚ ଓ ସମିତି ସଭ୍ୟମାନଙ୍କୁ ନେଇଥିଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ଗଣତନ୍ତ୍ର ପରେ ବର୍ତ୍ତମାନ ସାମ୍ବିଧାନିକ ବ୍ୟବସ୍ଥାକୁ ହତ୍ୟା କରାଯିବାର ପ୍ରୟାସ କରାଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି




। ଗତକାଲି ସାମ୍ବାଦିକ ସମ୍ମିଳନୀ ବେଳେ ଦୀପାଳି ଦାସ ତାଙ୍କ ବାପାଙ୍କୁ ପୋଲିସର ବ୍ୟବହାର କରି ହତ୍ୟା କରାଯାଇଥିବା କହିଛନ୍ତି। ଏହାର ଅର୍ଥ ସେ ପ୍ରତ୍ୟକ୍ଷ ଭାବରେ ସ୍ୱୀକାର କରିଛନ୍ତି ତାଙ୍କ ବାପାଙ୍କ ହତ୍ୟା ପଛରେ ପୂର୍ବ ସରକାରର ହାତ ଅଛି। ଯେଉଁ ଦୀପାଳି ଦାସ ବାପାଙ୍କ ଦେହାନ୍ତ ଘଟଣାର ତଦନ୍ତ ପାଇଁ ଥରେ ବି ବିଧାନସଭାରେ ଦାବି କରିନଥିଲେ କିମ୍ବା ପ୍ରସଙ୍ଗ ଉଠାଇନଥିଲେ, ଘଟଣାରେ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟରେ ଲଢେଇ କରିନଥିଲେ, ସେ ପରିବାର ପାଖରେ ରାଜନୀତି ହିଁ ସର୍ବସ୍ୱ, ଏହା ଅନୁମେୟ। ଯଦି ଦୀପାଳି ଦାସ ଏବେ ଚାହୁଁଛନ୍ତି ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସୁ ତେବେ ସେ ଏବଂ ତାଙ୍କ ପରିବାର ଲିଖିତ ଆକାରରେ ସରକାରଙ୍କ ନିକଟରେ ନବ ଦାସ ମୃତ୍ୟୁ ଘଟଣାର ସର୍ବି ଆଇ ତଦନ୍ତ ଦାବି କରନ୍ତୁ। ଯଦି ଦୀପାଲି ସିବିଆଇ ତଦନ୍ତ ଦାବି କରି ମୁଖମନ୍ତ୍ରୀଙ୍କୁ ନିଜ ବାପାଙ୍କ ହତ୍ୟାର ତଦନ୍ତ ପାଇଁ ଚିଠି ଲେଖଥଦିଅନ୍ତି, ତେବେ ରାଜ୍ୟ ସରକାର ନିଶ୍ଚିତ ହତ୍ୟାକାରୀକୁ ଖୋଜିକି ପ୍ରକୃତ ଦୋଷୀକୁ ସର୍ବସମ୍ମୁଖରେ ଆଣିବେ ଏବଂ ଦୋଷୀ ଦଣ୍ଡ ପାଇବେ। ଆମେ ଏଥିରେ ସହଯୋଗୀ ହେବୁ ବୋଲି ଶ୍ରୀ ସିଂ କହିଛନ୍ତି। ଓଡିଶାରେ ପ୍ରବାସୀ ଭାରତୀୟ ସମାରୋହ ଆୟୋଜନ ହେଲା। ଦେଶ ବିଦେଶରୁ ପ୍ରବାସୀ ଓ ଓଡିଆ ଭାରତୀୟମାନେ ଏକାଠି ହେଲେ। ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ ସ୍ୱାଗତ କରିଛନ୍ତି । ଅନ୍ୟ ପଟେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ପ୍ରବାସୀ ଭାରତୀୟ ସମ୍ମିଳନୀକୁ ନେଇ ଯେଉଁ କଥା କହିଛନ୍ତି, ଜଣେ ଭାରତୀୟ ଭାବରେ ସେ ପଶ୍ଚାତାପ୍ କରିବା ଉଚିତ୍। ଏପରି ଏକ ଐତିହାସିକ କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟଙ୍କ ସ୍ୱାଗତ ନକରି ଏହାକୁ ନିନ୍ଦା କରିବା ତାଙ୍କର ଅଣଓଡିଆ ମାନସିକତାର ନିଛକ ପ୍ରମାଣ। ଯାହା ଲାଗୁଛି ସସ୍ମିତ ପାତ୍ର ଏବଂ ତାଙ୍କ ଦଳର ନେତା ମାନେ ଏବେ ବି ସେହି ରିମୋର୍ଟ କଂଟ୍ରୋଲ ଦ୍ୱାରା ପରିଚାଳିତ। ଓଡିଶାବାସିଙ୍କ ଦ୍ୱାରା ପରାଜୟ ହେବା ପରେ ମଧ ସେହି ସମାନ ଅବସ୍ଥା। କେତେ ଦିନ ଏପରି ଭାବରେ ଅନ୍ୟମାନଙ୍କ ଠାରୁ ପରାମର୍ଶ ନେଇ ନିଜ ଦୋଷକୁ ଘୋଡାଇ ଅନ୍ୟକୁ ଦୋଷ ଦେବାର ଅଭିନୟ କରୁଥିବେ ? ବିଜେଡି ମୁଖପାତ୍ରଙ୍କ ଏମିତି ମନ୍ତବ୍ୟ ଓଡିଶାର ଭାବାବେଗ ପ୍ରତି କୁଠାରଘାତ କରିଛନ୍ତି। ଓଡିଶାର ସମ୍ମାନକୁ କ୍ଷତି ଆଣିଛି। ଏଭଳି ହୀନ ବକ୍ତବ୍ୟରୁ ଦୂରେଇ ରହିବା ଉଚିତ୍ ବୋଲି ଶ୍ରୀ ସିଂ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ଗଣମାଧମ ସଂଯୋଜକ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ସବୁବେଳେ ଆଇନ ଓ ଗଣତନ୍ତ୍ରକୁ ସମ୍ମାନ ଦିଏ

ଭୁବନେଶ୍ୱର: ବିଜେପି ସରକାର ସବୁବେଳେ ଆଇନ ଓ ଗଣତନ୍ତ୍ରକୁ ସମ୍ମାନ ଦିଏ। ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ଦୀପାଳି ଦାସ ଓ ତାଙ୍କ ପରିବାର। ଦୀପାଳି ଦାସଙ୍କ ଭାଇ ଛତିଶଗଡ଼ରେ କଣ କରୁଥିଲେ ? ଦୀପାଳି ଦାସ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ ପଚାରନ୍ତୁ, ଯେ ତାଙ୍କ ସରକାର ବେଳେ ଜଣେ ପୁଲିସ ଅଧିକାରୀ କାହିଁକି ନବ ଦାସଙ୍କୁ ହତ୍ୟା କରିଥିଲେ ? ନବୀନ ବାବୁ କାହିଁକି ବିଧାନସଭାରେ ଏଫବିଆଇ ତଦନ୍ତ ବାବଦରେ ମିଛ କଥା କହିଥିଲେ ଦୀପାଳି ପ୍ରଶ୍ନ କରନ୍ତୁ ବୋଲି କହିଛନ୍ତି ମୁଖପାତ୍ର ମନୋଜ ମହାପାତ୍ର। ଝାରସୁଗୁଡ଼ା କିର୍ମିରା ଅନାସ୍ଥା ଭୋଟକୁ ନେଇ ବିଜେଡି ଅଭିଯୋଗର ଜବାବ ଦେଇ ଶ୍ରୀ ମହାପାତ୍ର ଏଭଳି କହିଛନ୍ତି। ଏହାସହ ଶ୍ରୀ ମହାପାତ୍ର କହିଛନ୍ତି ଯେ ଡାର୍ଟି ପଲିଟିକ୍ସ କିଏ କରୁଥିଲା, ନବୀନ ବାବୁଙ୍କୁ ଯାଇ ଦିପାଳୀ ପଚାରନ୍ତୁ। ନବୀନ ପଟ୍ଟନାୟକ ଗଣତନ୍ତ୍ରକୁ ଦଳି ଚକଟି ମକଚୁଥିଲେ। କ୍ଷମତା ଗଲା ପରେ ବିଜେଡ଼ି କୁମ୍ଭୀର କାନ୍ଦଣା କାନ୍ଦୁଛି। ପୁଲିସକୁ ବିଜେଡ଼ି ଗୁଣ୍ଡା ଭଳି ବ୍ୟବହାର କରୁଥିଲା। ପ୍ରଦୀପ ପାଣିଗ୍ରାହୀଙ୍କ



ଘଟଣାରୁ ଏହା ସ୍ପଷ୍ଟ ହୋଇସାରିଛି। ପୂର୍ବ ସରକାରରେ ଆଇନ ମନ୍ତ୍ରୀ ମୁଦାଲା ଥିଲେ, ତାଙ୍କୁ କିଏ ସୁରକ୍ଷା ଦେଇଥିଲା ସେହିପରି ଦୀପାଳି ଦାସଙ୍କ ଭାଇ ହେଉଛନ୍ତି ଜଣେ ଅଭ୍ୟାସଗତ ଅପରାଧୀ। ସେ ସବୁବେଳେ ଅପରାଧକୁ ପ୍ରଶ୍ରୟ ଦିଅନ୍ତି। ବିଶେଷ କରି ଦେଢ଼ ବର୍ଷ ତଳେ ଭୁବନେଶ୍ୱର ପାୱାର ହାଉସ୍ ଛକରେ ଯାହାଙ୍କ ଗାଡ଼ି ଧକ୍କାରେ ଦୁଇ ଜଣଙ୍କ ଜୀବନ ଯାଇଥିଲା, ସେ ହେଉଛନ୍ତି ବିଶାଳ ଦାସ। ସେ ବିଭିନ୍ନ ଅପରାଧିକ କାର୍ଯ୍ୟରେ ସମ୍ପୃକ୍ତ। ଯେତେବେଳେ ଓଡ଼ିଶା ସରକାରଙ୍କ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦିନ ଦି' ପହରରେ ସେତେବେଳର ଗୃହମନ୍ତ୍ରୀଙ୍କର ଜଣେ ଅଧସ୍ତନ କର୍ମଚାରୀ ଗୁଳି କରି ହତ୍ୟା କରୁଛି; ଆଉ ସେହି ସମୟରେ ଦୀପାଳିଙ୍କ ମାଆ ଓ କାକା କହିଥିଲେ ନବ ଦାସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି, ସେତେବେଳେ ଦୀପାଳି ଓ ତାଙ୍କ ଭାଇ ବିଶାଳ କାହା ପ୍ରରୋଚନାରେ ଏବଂ କେଉଁ ଲୋଭରେ ଚୁପ୍ ରହିଥିଲେ, ତାହା ଆମେ ଦେଖିଛୁ। ବାପାଙ୍କ ହତ୍ୟାକରୀଙ୍କୁ ଧରିବା ପାଇଁ ଯିଏ ଦିନେ ପଦୁଟିଏ କହିପାରୁନଥିଲେ, ସିଏ ଆଜି ବିଜେଡିର ଏକ ଲିଖିତ ସ୍କ୍ରିଟ୍ ପଢ଼ିଛନ୍ତି ବୋଲି ମନୋଜ ମହାପାତ୍ର କହିଛନ୍ତି।

## ଖଲିଆପାଲି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅତାବିରା ,୧୨/୧(ନି.ପ୍ର): ଅତାବିରା ବ୍ଲକ ଅନ୍ତର୍ଗତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଲିଆପାଲି ଠାରେ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି । ବିଦ୍ୟାଳୟ ପରିଚାଳନା କମିଟୀ ର ଚେୟାରମେନ ଆନନ୍ଦ ଜାଲ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ରେ ମୁଖ୍ୟ ବକ୍ତା ରୂପେ ଚଳଚ୍ଚିତ୍ର ଅଭିନେତା ଜିତେନ୍ଦ୍ରିୟ ହୋତା, ପ୍ରଧାନ ଶିକ୍ଷକ ହରିହର ସାହୁ,ସମ୍ମାନିତ ଅତିଥି ରୂପେ ଜହ୍ନାପଡ଼ା ସି.ଆର.ସି.ସି ରଞ୍ଜନ ବାଗ, ବୁଗବୁଗା ସି.ଆର.ସି.ସି. ନନ୍ଦିଘୋଷ ଭୁଏ, ଝିଲିମିଣ୍ଡା ସି.ଆର.ସି.ସି ଧରମ ନାଏକ, ପଞ୍ଚସଖା ସେତୁ ର ସଭାପତି ପ୍ରମୋଦ ମହାକୁର, ଗ୍ରାମ୍ୟ କମିଟି ର ସମ୍ପାଦକ କାଳିଶ୍ରୀ କର୍ଣ୍ଣ,ପୂର୍ବତନ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନେପାଳ ମହାକୁର ମଞ୍ଚାସୀନ ଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିହର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ଅତିଥି ବୃନ୍ଦ ତାଙ୍କ ଅଭିଭାଷଣ ମାଧ୍ୟମରେ ପିଲା ମାନଙ୍କୁ ଭଲ ମଣିଷ ହେବା ସହ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ସହକାରୀ ଶିକ୍ଷକ ଜୀବର୍ଦ୍ଧନ ପଶାୟତ ମଞ୍ଚ ପରିଚାଳନାର କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଏହି ଅବସରରେ ପୂର୍ବରୁ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ରୁଚିଶ୍ମିତା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନାଚ ଓ ଗୀତ ପରିବବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଶିକ୍ଷକ ହୃଷୀକେଶ ବିଶ୍ୱାଳ ଶିକ୍ଷୟିତ୍ରୀ ଲକ୍ଷ୍ମୀ ପାଇକ, ସରିତା ବଞ୍ଚୋର ଏବଂ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ତଥା ଗ୍ରାମବାସୀ ସହଯୋଗ କରିଥିଲେ ।

## ଚର୍ଚ୍ଚାରେ ଗରିବ ସେବାସଦନ , ୮ଶହ ରୁ ଅଧିକ କମ୍ବଳ ବଣ୍ଟନ



ପାଟଣା ୧୨/୧(ନି.ପ୍ର): ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ ଜନସେବାରେ କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭାବେ ନିଜର ପରିଚୟକୁ ଦୃଢ଼ୀଭୂତ କରିପାରିଛି ଗରିବ ସେବା ସଦନ । ବିଭିନ୍ନ ଧାରାର ପ୍ରାକୁତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ଘରପୋଡି ଏବଂ ଅବହେଳିତ ଜନଜୀବନକୁ ସାହାଯ୍ୟର ହାତ ବଢାଇବାରେ ଗରିବ ସେବାସଦନ ଶାଳପଡା ନିଜସ୍ୱ ଦାନରେ ସହାୟତାର ହାତ ବଢାଇଚାଲିଛି । ଚଳିତବର୍ଷ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦିବ୍ୟାଙ୍ଗ ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ୮ଶହ ରୁ ଉର୍ଦ୍ଧ କମ୍ବଳ ବଣ୍ଟନ ପ୍ରକିୟା ଜାରିରଖିଛି ।ସେହି କ୍ରମରେ ଘଟଗାଁ ବ୍ଲକ ତୋରାଣିପୋଖରୀ ପଞ୍ଚାୟତରେ ଏକସହ ରୁ ଅଧିକ ନିଷ୍ପେସିତ ପିରୁଷ ଓ ମହିଳା ମାନଙ୍କୁ କମ୍ବଳ ପ୍ରଦାନ ସହ ଶୁଖିଲା ଖାଦ୍ୟ ପ୍ରଦାନ କରିବାରେ ସମର୍ଥ ହୋଇଛି । ଗରିବ ସେବାସଦନର ପ୍ରତିଷ୍ଠାତା ସଭାପତି ଡ଼ ଶମ୍ଭୁନାଥ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସଦନର ସଦସ୍ୟ ସଦସ୍ୟା ଯଥାକ୍ରମେ ରମେଶ ଚନ୍ଦ୍ର ସାହୁ , ମାନସ ଆଚାର୍ଯ୍ୟ, ଶୋଭାଗ୍ୟ କୁମାର ରାଉତ, ଦୀପକ ବେହେରାଙ୍କ ଉପସ୍ଥିତିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କୁ କମ୍ବଳ ବଣ୍ଟନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯଥା ଶଶୀଭୂଷଣ ମହାନ୍ତ,ନଟବର ମହାନ୍ତ, ନନ୍ଦିନୀ ନାଏକ, ବୈଖୁଣ୍ଠନାଥ ମହାନ୍ତ,ଅର୍ଜୁନ ମୁଣ୍ଡା, ପ୍ରଦୀପ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।ଆଗାମୀ ପବିତ୍ର ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ପକ୍ରିୟାକୁ ଜାରି ରଖିବା ପାଇଁ ସମାଜସେବୀ ଡ଼ ରାଉତ ନିଜ ପତିକ୍ରିୟା ରେ ପ୍ରକାଶ କରିଛନ୍ତି ।

## ଢେଙ୍କାନାଳରେ 'କପିଳାସ ହାଫ୍ ମାରାଥନ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ


### ହାତୀ ସୁରକ୍ଷା ଓ ପରିବେଶ ସଚେତନତା ଦିଗରେ ସାଧୁ ଉଦ୍ୟମ - ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ, ଜାନୁଆରୀ ୧୨- ଢେଙ୍କାନାଳ କପିଳାସ ଅଭୟାରଣ୍ୟର ସବୁଜ ସୁନ୍ଦର ପରିବେଶରେ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ' ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି । ହାତୀ ସୁରକ୍ଷା ଓ ପରିବେଶ ସୁରକ୍ଷାର ସଚେତନତା ସୃଷ୍ଟି କରାଇବାରେ ଏହାକୁ ସାଧୁ ଉଦ୍ୟମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ'ର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିବା ସହ ମାରାଥନରେ ସାମିଲ ହୋଇ ଆନନ୍ଦିତ । ଜୈବ ବିବିଧତାରେ ପରିପୂର୍ଣ୍ଣ କପିଳାସର ସଂରକ୍ଷଣ ଏବଂ ଗଜରାଜଙ୍କ ସୁରକ୍ଷା ଦିଗରେ ସାମାଜିକ ସଚେତନତା




ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ସ୍ୱାଗତଯୋଗ୍ୟ । ଏହି ହାଫ୍ ମାରାଥନରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଓ ବରିଷ୍ଠ ଲୋକମାନେ ଭାଗ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆର ଆହ୍ୱାନ କ୍ରମେ ଏହି ମାରାଥନ ସମାଜରେ କେବଳ ସୁସ୍ଥ ଜୀବନଶୈଳୀ ଓ ଫିଟନେସକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସମାଜରେ ପରିବେଶ ସୁରକ୍ଷା ଓ ପର୍ଯ୍ୟଟନର ବିକାଶରେ ମଧ ସଚେତନ କରାଇବ । ଏହି ମାରାଥନ, କପିଳାସକୁ ବିଶ୍ୱ ପର୍ଯ୍ୟଟନ ତଥା ମାରାଥନ ଦୌଡ଼ର ଏକ ପ୍ରମୁଖ ସ୍ଥଳ ଭାବରେ ପ୍ରତିଷ୍ଠିତ କରାଇବାରେ ସହାୟକ ହେବ । ଆମର ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଆଧାତ୍ମିକ କ୍ଷେତ୍ରରେ ଐରାବତ ବା ହାତୀର ସ୍ଥାନ ସ୍ୱତନ୍ତ୍ର । ହାତୀ ହେଉଛି ଆମର ଐତିହ୍ୟ ପ୍ରାଣୀ । ଗଜରାଜଙ୍କ ସୁରକ୍ଷା ତଥା ମନୁଷ୍ୟ ଓ ହାତୀ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଢେଙ୍କାନାଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ମାରାଥନ ପ୍ରଶଂସନୀୟ । କପିଳାସ ଏକ ପର୍ଯ୍ୟଟନ ଭିତ୍ତିକ ସ୍ଥାନ । ଏଠାରେ କିପରି ପର୍ଯ୍ୟଟନ ଭିତ୍ତିଭୂମି ଏବଂ ପର୍ଯ୍ୟଟକଙ୍କ ପାଇଁ ସୁବିଧା ତ୍ୱରାନ୍ୱିତ ହେବ, ସେଥିପ୍ରତି ଆମେ ସମସ୍ତେ ଦାୟିତ୍ୱ ନେବା ଦରକାର । ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳର ସଂସ୍କୃତି, ଐତିହ୍ୟର ସଂରକ୍ଷଣ ସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଯାମୁଦା ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳିତ




ପାଟଣା ୧୨/୧(ନି.ପ୍ର): ସାହାରପଡ଼ା ବ୍ଲକ ଅନ୍ତର୍ଗତ ମହ୍ଲାରପଦା ପଞ୍ଚାୟତ ଅନ୍ତର୍ଗତ ଯାମୁଦା ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାର ଙ୍କ ଅଧୀନ ରେ ମୁଖ୍ୟ ଯନ୍ତ୍ରୀ ଭାବେ ଚାକିରୀ କରି ଅବସର ଗ୍ରହଣ କରିଥିବା ଦୁଃଖ ବନ୍ଧୁ ବେହେରା ,ସମ୍ମାନୀତ ଅତିଥି ଭାବେ ବ୍ଲକ ସହ ଶିକ୍ଷା ଧିକାରୀ ଦୟାନିଧି ପାତ୍ର ଓ ସଂଜୀବ କୁମାର ଘଣା, ମୁଖ୍ୟ ବକ୍ତା ଭାବେ କାଦଡିହା ଡିଗ୍ରୀ ମହାବିଦ୍ୟାଳୟ ର ଅଧକ୍ଷ ତଥା କବି ଡକ୍ଟର ଭାଗବତ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ମୂଲ୍ୟବାନ ଉପଦେଶ ମାନ ପ୍ରଦାନ କରି ଥିଲେ । ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିଲେ । ଅନ୍ୟତମ ଶିକ୍ଷକ ମଣ୍ଟୁ ଓରାମ ସଭା ପରିଚାଳନା କରିଥିଲେ । କୁନି କୁନି ଛାତ୍ରୀ ମନେ ସଂଗୀତ ପ୍ରଦର୍ଶନ ପୂର୍ବକ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ ।

## ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକକ୍ରୀଡ଼ା



ପାଟଣା ୧୨/୧(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତ ଶୁଭ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ ପାର୍ଥସାରଥୀ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ତଥା ଉଚ୍ଚଡିଆଁ, ଲମ୍ବଡିଆଁ, ଡିସକସଥ୍ରୋ, ସଟଫୁଟ ,ପୁଚି, ମ୍ୟୁଜିକ୍ ଚେୟାର, ଶଙ୍ଖ ଫୁଙ୍କା, ଦଉଡ଼ି ଡିଆଁ, ଦୌଡ଼ ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦଘାଟନୀ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ନାଚଗୀତ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ କବିତା ମହାନ୍ତ, ମଧୁସ୍ମିତା ବାରିକ୍, ଅଞ୍ଜଳି ଦଣ୍ଡପାଟ୍, ମଞ୍ଜୁଲତା ସାହୁ, ସଞ୍ଜୁବାଳା ମିଶ୍ର, ଅନନ୍ତ ନାଏକ ପୂର୍ଣ୍ଣ ସହଯୋଗ କରିଥିଲେ।

## ଡିଜେଲ ଚୋରକୁ ମାଡି ବସିଲେ ଗାଡ଼ି ଚାଳକ, ବାନ୍ଧିଲା ପୁଲିସ

ପାଟଣା ୧୨/୧(ନି.ପ୍ର): ୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଘଟଗାଁ ବ୍ଲକ ଖଣ୍ଡଘର ପଥକର ଫାଟକ ନିକଟରେ ରାତିରେ ଟ୍ରକ ରଖି ବିଶ୍ରାମ ନେଉଥିବା ଗାଡି ମାନଙ୍କରୁ ଲଗାତର ଡିଜେଲ ଚୋରୀ ହେଉଥିବା ଚୋରଙ୍କର ଟେର ମିଳୁନଥିଲା । ତେବେ ଗତ ରାତି ସେହି ପୁରୁଣା ଉପାୟରେ ପାଇପ ଲଗାଇ ଗାଡି ଟାଙ୍କି ରୁ ଡିଜେଲ ଚୋରୀ ସମୟରେ ଜଣେ ଗାଡି ଚାଳକଙ୍କ ନିଦ ଭାଙ୍ଗି ଯିବାରୁ ସେ ପାଟି କରି ଅନ୍ୟ ମାନଙ୍କୁ ଡାକି ଦେବା ଫଳରେ ଜଣେ ଡିଜେଲ ଚୋର ଙ୍କୁ ଗାଡି ଚାଳକ ମାନେ କାବୁ କରିଛନ୍ତି । ଅନ୍ୟ ୩ ଜଣ ଡିଜେଲ ଚୋର ସେମାନେ ଆଣିଥିବା ସ୍କର୍ପିଓ ରେ କେନ୍ଦୁଝର ଆଡକୁ ଚମ୍ପଟ ମାରିଛନ୍ତି । ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଘଟଣା ସ୍ଥଳରେ ପହଞ୍ଚି ଡିଜେଲ ଚୋର ଯୋଡା ବାଚୁ ହାଟିଂ ରୁ ନରେନ୍ଦ୍ର ତନ୍ତି ଙ୍କ ପୁଅ ଇସୁ ତନ୍ତି (୩୩) ଙ୍କୁ ଗିରଫ କରିବା ସହ ୩ ଟି ଜାର ରେ ଥିବା ୧୫୦ ଲିଟର ଡିଜେଲ ଓ ୨ ଟି ଖାଲି ଜାର ଜବତ କରିଛନ୍ତି ।

## ଅସହାୟ ଦୁଇ ନାବାଳକଙ୍କୁ ଶିଶୁମଙ୍ଗଳ କମିଟିରେ ହସ୍ତାନ୍ତର କଲା ଭରସା ପରିବାର ଟ୍ରଷ୍ଟ

ପାଟଣା ୧୨/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ୨୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ବାରିକଙ୍କ ପାଖରୁ ସୂଚନା ପାଇ ଭରସା ପରିବାର ରାଜ୍ୟ ସଭାପତି ଲମ୍ବୋଦର ମହାନ୍ତଙ୍କ ନେତୃତ୍ୱରେ ଜିଲ୍ଲା ସଂଯୋଜକ ଶୁନ୍ୟରଞ୍ଜନ ଘଣା, ଉପଦେଷ୍ଟା ହୃଦାନନ୍ଦ ସେଠୀ, ସୁଢଳ କୁମାର ସେଠୀ, ଜିଲ୍ଲା ଉପସଭାପତି ତାପସ ବେହେରା, ଜିଲ୍ଲା ସଭାନେତ୍ରୀ ବୈଶାଖୀ ମହାନ୍ତ, ରତ୍ନମଣି ସେଠୀ, ବିରଳ ରକ୍ତଦାତା ଶିବଶଙ୍କର ବାନାର୍ଜୀ, ମିଡ଼ିଆ ସଂଯୋଜକ ହେମନ୍ତ କୁମାର ମହାରଣା, ମଗନ କୁମାର ମଲ୍ଲିକ, ସୋସିଆଲ ମିଡ଼ିଆ ସଂଯୋଜକ ମାନସ ରଞ୍ଜନ ବେହେରା ପ୍ରମୁଖ ପହଞ୍ଚି ଶୁଆକାଟି ଅଞ୍ଚଳରେ ଅସହାୟ ଅବସ୍ଥାରେ ବୁଲୁଥିବା ପଣ୍ଡା ମୁଣ୍ଡା (୬) ଓ ବାଲିଆଗୋଡ଼ା ଅଞ୍ଚଳର ଈଶ୍ୱର ପାତ୍ର(୭) ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଡାକ୍ତର ରବି କୁମାର ସାହୁଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଜିଲ୍ଲା ଶିଶୁମଙ୍ଗଳ କମିଟିରେ ଉପସ୍ଥାପନା କରି ବଣିଆପାଟସ୍ଥିତ ମୁକ୍ତାଶ୍ରୟରେ ରକ୍ଷଣାବେକ୍ଷଣ ଓ ଶିକ୍ଷାବ୍ୟବସ୍ଥା ପାଇଁ ହସ୍ତାନ୍ତର କରିଛନ୍ତି। ମୁଖ୍ୟ ଉପଦେଷ୍ଟା ଅଞ୍ଜନ କୁମାର ବେଜ ତଥା ଗ୍ରାମବାସୀ ଭରସା ପରିବାର ଟ୍ରଷ୍ଟର ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## କେନ୍ଦୁଝର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ର ବନ ବିହାର, ଯୋଗଦେଲେ ସାଂସଦ ଓ ବିଧାୟକ

ପାଟଣା ୧୨/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ର ବାର୍ଷିକ ବନବିହାର କାର୍ଯ୍ୟକ୍ରମ ଆଜି ପାଟଣା ବ୍ଲକ ଅନ୍ତର୍ଗତ ଭୀମକୁଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବହୁ ସଦସ୍ୟ ଓ କର୍ମକର୍ତ୍ତା ସପରିବାରେ ଯୋଗ ଦେଇଥିବାବେଳେ ବିଶ୍ୱହିନ୍ଦୁ ପରିଷଦ ର ପ୍ରାନ୍ତ ସଙ୍ଗଠକ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ ଓ ପ୍ରାନ୍ତଃ ବଜରଙ୍ଗ ଦଳ ପ୍ରମୁଖ ପ୍ରଭାତ ତ୍ରିପାଠୀ ଙ୍କ ଉପସ୍ଥିତି ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ,ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ପ୍ରଭାତ ଭୂଷଣ,ସ୍ୱପ୍ନେଶ୍ୱର ସାହୁ ,ଇଂ ବସନ୍ତ ଦାନୀ, ମଦନ ମୋହନ ଦ୍ୱିବେଦୀ ,ଗଣେଶ୍ୱର ସାହୁ,ଉପେନ୍ଦ୍ର ଦାଶ, ସୁପାଇ ମୂର୍ମୁ ,ଦୁର୍ଯ୍ୟଧାନ ମହାନ୍ତ,ରାଜ୍ କିଶୋର ମହାନ୍ତ ପ୍ରମୁଖ ବହୁ ବି ଏଚ ପି ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗ ଦେଇଥିଲେ ।ସାଂସଦ ପ୍ରତିନିଧି ଘଟଗାଁ ଅଖିଳ ପାତ୍ର ସାଂସଦ ପ୍ରତିନିଧି ପ୍ରହଲ୍ଲାଦ ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ରେ ସାମିଲ ଥିଲେ। ବିଶ୍ୱହିନ୍ଦୁ ପରିଷଦ ର ଆଦର୍ଶ ଓ କାର୍ଯ୍ୟ ଧାରା କୁ ଆହୁରି ବଳିଷ୍ଠ କରିବା ପାଇଁ ସାଂସଦ ଶ୍ରୀ ନାଏକ ଏଠାରେ ମତ ରଖିଥିଲେ ।

## ଜାମଟିକ୍ରା ଗ୍ରାମରେ ଉମା ମାହେଶ୍ୱରୀ ଓ ମା ଖମ୍ଭେଶ୍ୱରୀଙ୍କର ବନଜାଗ ଯାତ୍ରା

ଅତାବିରା ୧୨/୧(ନି.ପ୍ର): ଡୁମାଲ ସମାଜର ଅଧିଷ୍ଠାତ୍ରୀ ଦେବୀ କୁରୁଆଁସ୍ଥିତ ସର୍ବ ପୁରାତନ ଉମା ମାହେଶ୍ୱରୀ ପୀଠର ମାଁ ମାହେଶ୍ୱରୀ ଓ ମାଁ ଖମ୍ଭେଶ୍ୱରୀଙ୍କର ନବକଳେବର ପାଇଁ ନୂତନ ଶାଳକା ଓ ନୂତନ ଖମ୍ଭ ସନ୍ଧାନ ଉଦ୍ଦେଶ୍ୟରେ ଗାଁର ସେବାୟତବୃନ୍ଦଙ୍କ ସହ ବାହାରିଥିବା ମାଁ ମାହେଶ୍ୱରୀଙ୍କର ଶୋଭାଯାତ୍ରା ଶନିବାର ଦିନ ସକାଳ ୯ଟାରେ ଜାମଟିକ୍ରା ଗ୍ରାମରେ ଡୁମାଲ ଜାତିଭାଇ ଓ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ମାଁ ମାହେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା । ପୂଜା ସ୍ଥଳରେ ମାଁ ମାହେଶ୍ୱରୀ ଓ ପାର୍ଶ୍ୱ ଦେବା ଦେବୀ ମାଁ ନାରାୟଣୀ,ବୁଢାରଜା,ମାଁ ବାଉତିକଂର ପୂଜା କରାଯାଇ ବେଜିମାନଙ୍କର ଦେହରେ ମାଁଙ୍କ ବରୁଆ ଆସି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ।ମାନସିକ କରିଥିବା ଲୋକେ ଆଶୀର୍ବାଦ ପାଇବା ପାଇଁ ମାଁଙ୍କ ନିକଟରେ ଅଧିଆ ପଡିଥିଲେ । ଅପରାହ୍ନ ୨ଟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଇଥିଲା ।ଏହି ସମସ୍ତ କାର୍ଯ୍ୟକ୍ରମକୁ କୁରୁଆଁ ମାହେଶ୍ୱରୀ ମନ୍ଦିରର ବେଜି, ଦେହେରୀ ସେବାୟତ ବୃନ୍ଦ, ଜାମଟିକ୍ରା ଗ୍ରାମର ଜାତିଭାଇ ଶୁଶିଲ ଠାଠୀ,ନିତ୍ୟାନନ୍ଦ ପଧାନ,ମନବୋଧ ଠାଠୀ,ପ୍ରଦୀପ ପଧାନ,ଜୟଲାଲ ପଧାନ,ଗୌରି ଠାଠୀ,ନୀଳାମ୍ବର ମହାକୁର,ଜଗମହନ ଠାଠୀ,ଏବଂ ସେବାୟତ ଶୁଷାଣ ମହାକୁର,ଜଗାଇ ଦେହୁରୀ,ଶ୍ରୀକୃଷ୍ଣ ଦେହୁରୀ,ପ୍ରମୋଦ ଦେହୁରୀ,କପିଳେଶ୍ୱର ଦେହୁରୀ,ଜଗଦିଶ ଦେହୁରୀ,ହରେକୃଷ୍ଣ ଦେହୁରୀ,ସଚିଦା ଦେହୁରୀ,ରାଜେଶ ପଧାନ,ହେମନ୍ତ ଦେହୁରୀ,ବେଜି ଶ୍ରଦ୍ଧାକର ମେଣ୍ଡଲୀ, ଝସକେତନ ମେଣ୍ଡଲୀ,ଅଶୋକ ମହାକୁର,ସୁବାସ ମହାକୁର,ଟୁନୁ ମହାକୁର ,ନରେଶ ପଧାନ ଓ ମାଁ ମାହେଶ୍ୱରୀ ସେନାର ସଦସ୍ୟ ମାନେ ପୂର୍ଣ୍ଣମାତ୍ରାରେ ସାହାଯ୍ୟ ସହଯୋଗ କରିଥିଲେ ।

